ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅଫତାବ



@ ଅରୁଣ



@ ବୁବୁ



@ ପବିତ୍ର



@ ପ୍ରଦୀପ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ

# ସୋମବାର ପାଇଁ ଶ୍ରଦ୍ଧାଳୁଙ୍କ ଗହଳି

## ଷଷ୍ଠ ଦିବସରେ ବରୁଣେଶ୍ୱର ମେଳା

ବିଞ୍ଝାରପୁର, ୧୯।୧ (ରାମକୃଷ୍ଣ ଦାସ )

ଯାଜପୁର ଜିଲାର ପ୍ରସିଦ୍ଧ ଶୈବ କ୍ଷେତ୍ର ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇସ୍ଥିତ ବରୁଣେଶ୍ୱର ପିଠରେ ପବିତ୍ର ମକର ସଂକ୍ରାନ୍ତିଠାରୁ ନବଦିନ ବ୍ୟାପି ହୋଉଥିବା ବରୁଣେଶ୍ୱର ମେଳା ସୋମବାର ଷଷ୍ଠ ଦିବସ ପହଞ୍ଚିଛି। ପବିତ୍ର ମାଘମାସର ପ୍ରଥମ ସୋମବାର ହୋଇଥିବାରୁ ସକାଳୁ ବାବାଙ୍କ ଦର୍ଶନ କରି ଆର୍ଶୀବାଦ ନେବା ପାଇଁ ନାହିଁ ନ ଥିବା ଶ୍ରଦ୍ଧାଳୁଙ୍କ ଗହଳି ମନ୍ଦିରରେ ଲାଗି ରହିଥିଲା। ଶିଶୁଠାରୁ ଆରମ୍ଭ କରି ବୃଦ୍ଧାବଦ୍ଧ ପର୍ଯ୍ୟନ୍ତ ସମସ୍ତେ ବାବାଙ୍କ ଦର୍ଶନ କରି ମେଳାର ମଜା ନେଉଥିବା ଦେଖାଦେଇଛି।



ସୋମବାରରେ ବରୁଣେଶ୍ୱର ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼।

### ଅପେରା ମୁହାଁ ଦର୍ଶକ

ଏଥର ମେଳା ପଡ଼ିଆରେ ରାଜ୍ୟର ଲବ୍ଧ ପ୍ରତିଷ୍ଠିତ ୬ ଟି ଅପେରା ପାର୍ଟି ପଡିଥିଲାବେଳେ ଅପେରା ପ୍ରେମୀମାନେ ମନପସନ୍ଦର କଳାକାରମାନଙ୍କୁ ହାତ ପାହାନ୍ତାରେ ଦେଖିବାର ସୁଯୋଗ ପାଇ ଖୁବ୍ ଉତ୍ସାହିତ ଅଛନ୍ତି। ବରୁଣେଶ୍ୱର ମେଳା ପଡ଼ିଆରେ ବିଭିନ୍ନ ଅପେରା ପେଣ୍ଡାଲରେ ବାପି ପଣ୍ଡା, ରାଣୀ ପଣ୍ଡା, ଟିକି-କାହ୍ନା, ନୀର ସ୍ୱାଇଁ, ସାଇ, ଉତ୍ତମ, କେଞ୍ଝୁଆ, ସୋନାଲୀ ପଣ୍ଡା, ଗୁରିଆ ପ୍ରମୁଖ ସୁନାମଧନ୍ୟ କଳାକାରମାନେ ସେମାନଙ୍କର କଳା ନିପୁଣତା ଦେଖାଉଛନ୍ତି। ସେଥିପାଇଁ ଅପେରା ପ୍ରେମୀ ପ୍ରବଳ ଶୀତକୁ ଖାତିର ନ କରି ମେଳାପଡିଆକୁ ଛୁଟି ଆସୁଛନ୍ତି। ତେବେ ଅପେରା ଦେଖିବାକୁ ପାଖ ପଡୋଶୀ ଜିଲାରୁ ବହୁ ସଂଖ୍ୟକ ଦର୍ଶକ ଆସୁଥିବା ଦେଖିବାକୁ ମିଳିଛି।

### ଖଦି, ହସ୍ତତନ୍ତର ବଢ଼ୁଛି ଚାହିଦା

ଏବେବି ଲୋକମାନଙ୍କର ଖଦି ଓ ହସ୍ତତନ୍ତ୍ର ବସ୍ତ୍ର ଉପରେ ଚାହିଦା ରହିଛି। ଯାହାକି ବରୁଣେଶ୍ୱର ମେଳା ପଡିଆରେ ଲାଗିଥିବା ପଲ୍ଲିଶ୍ରୀ ମେଳାରେ ଭିଡକୁ ଦେଖି ଜଣାପଡୁଛି। ଖଦି ଓ ହସ୍ତତନ୍ତ୍ରରେ ପ୍ରସ୍ତୁତ ଶାଢୀ, ସାର୍ଟ, ସାଲ, ଜ୍ୟାକେଟ ଆଦି ବସ୍ତ୍ରକୁ ବହୁମାତ୍ରାରେ ଲୋକେ କିଣୁଥିବା ଦେଖିବାକୁ ମିଳିଛି।

### ମେଳାରେ ବାସି ଖାଦ୍ୟ

ମେଳାରେ ବାସି ଖାଦ୍ୟ। ଯାହାକୁ ନେଇ ମେଳାକୁ ଆସୁଥିବା ଯାତ୍ରୀ ଅସନ୍ତୋଷ ପ୍ରକାଶ କରୁଛନ୍ତି। ହେଲେ ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ଏବଂ ଆୟୋଜକମାନେ ଏ ନେଇ କୌଣସି ପ୍ରତିକାର କରୁନାହାନ୍ତି। ଫଳରେ ମେଳା ପଡ଼ିଆରେ ଯାତ୍ରୀମାନେ ବାଧ ହୋଇ ବାସି ଖାଦ୍ୟ ଖାଉଛନ୍ତି। ମେଳା ପଡ଼ିଆରେ ବହୁ ଶହ ସଂଖ୍ୟକ ଫାଷ୍ଟଫୁଡ ଷ୍ଟଲ, ଚାଟ ଷ୍ଟଲ, ହୋଟେଲ ଆଦି ଖୋଲିଛି। ଭୋରୁ ରାତି ୧୨ଟା ପର୍ଯ୍ୟନ୍ତ ମେଳା ଚାଲୁଥିଲାବେଳେ ବ୍ୟବସାୟୀମାନେ ରାତିରେ ଶିଝାଇ ପ୍ରସ୍ତୁତ କରିଥିବା ଖାଦ୍ୟ ଦିନବେଳା ଗରାଖଙ୍କୁ ଖାଇବାକୁ ଦେଉଛନ୍ତି ବୋଲି ଅଭିଯୋଗ ହେଉଛି। ତେଣୁ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଧ୍ୟାନ ଦେବାକୁ ଦାବି ହେଉଛି।

# ବୃଦ୍ଧାଙ୍କୁ ଅସଦାଚରଣ, ୩ ଗିରଫ

**ବରୀ, ୧୯।୧ (ମହେନ୍ଦ୍ର ସ୍ୱାଇଁ):** ବରୀ ରାମଚନ୍ଦ୍ରପୁର ଥାନା ଅଧୀନ କଳାମାଟିଆ ପଞ୍ଚାୟତ ତଳକାଇପଡ଼ା ଗାଁର ୨ ଭାଇ ବଳଭଦ୍ର ମଲ୍ଲିକ ଓରଫ ବଳିଆ (୨୫), ଜଗନ୍ନାଥ ମଲ୍ଲିକ ଓରଫ ଧୂଳିଆ(୨୬) ସ୍ଥାନୀୟ ଅଞ୍ଚଳର ଜଣେ ୬୫ ବର୍ଷୀୟ ମହିଳାଙ୍କ ଘରେ ପଶି ଗତ ୯ ତାରିଖରେ ଟଙ୍କା, ସୁନା ଲୁଟ କରିବା ସହ ତାଙ୍କୁ ଅସଦାଚରଣ କରିଥିଲେ। ଏହି ଘଟଣାରେ ପୋଲିସ ୨ଭାଇ ବଳିଆ ଓ ଧୂଳିଆଙ୍କ ସମେତ ସହଯୋଗୀ ରୁଦ୍ର ମଲ୍ଲିକ(୩୬)ଙ୍କୁ ଛତିଶଗଡ଼ରୁ ରବିବାର ଗିରଫ କରି ସୋମବାର ଯାଜପୁର କୋର୍ଟକୁ ଚାଲାଣ କରିଥିଲା। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଯାଜପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ମୁତାବକ, ବଳିଆ ଓ ଧୂଳିଆ ଗତ ୯ ତାରିଖରେ ବରୀ ରାମଚନ୍ଦ୍ରପୁର ଥାନା ଅଞ୍ଚଳର ଉକ୍ତ ବୟସ୍କ ମହିଳାଙ୍କ ଘରେ ପଶି ଲୁଟକରିବା ସହ ତାଙ୍କୁ ଅସଦାଚରଣ କରିଥିଲେ। ସମ୍ପୃକ୍ତା ମହିଳା ୧୦ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୦/୨୬ରେ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ୨ଭାଇଙ୍କ ମାଉସୀ ପୁଅ ମନୋଜ ମଲ୍ଲିକଙ୍କୁ ପୋଲିସ ଗିରଫ କରିଥିଲା। ପରେ ତାଙ୍କ ସୂଚନା ଆଧାରରେ ୨ ଅଭିଯୁକ୍ତଙ୍କୁ ଖସାଇବାରେ ସହଯୋଗ କରିଥିବା ତ୍ରିଲୋଚନା ଓ କାର୍ ଡ୍ରାଇଭର ସୁବାସ ବେହେରାଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଥିଲା। ଗିରଫ ବ୍ୟକ୍ତିଙ୍କଠାରୁ ସୂଚନା ପାଇ ଏସ୍ଆଇ ସୌମ୍ୟରଞ୍ଜନ ଭୋଳଙ୍କ ନେତୃତ୍ୱରେ ଏକ ଟିମ୍ ଛତିଶଗଡ଼ର ଭିଲାଇଠାରୁ ଘଟଣାର ମୁଖ୍ୟ ଅଭିଯୁକ୍ତ ବଳିଆ ଓ ଧୂଳିଆ ଏବଂ ତାଙ୍କ ସହଯୋଗୀ ରୁଦ୍ରଙ୍କୁ ଗିରଫ କରିଥିବା ଆଇଆଇସି ଜ୍ୟୋତିର୍ମୟୀ ସେଠୀ କହିଛନ୍ତି।

## ସ୍ୱଦେଶୀ ସଙ୍କଳ୍ପ ଯାତ୍ରା

ପାଣିକୋଇଲି, ୧୯।୧
(ବିକାଶ ଚନ୍ଦ୍ର ମଲ୍ଲିକ)

ପାଣିକୋଇଲିଠାରେ ସୋମବାର ସ୍ୱଦେଶୀ ସଙ୍କଳ୍ପ ଯାତ୍ରାକୁ ବିପୁଳ ସ୍ୱାଗତ କରାଯାଇଛି। ସ୍ୱଦେଶୀ ଜାଗରଣ ମଞ୍ଚ ଓଡ଼ିଶା ପୂର୍ବ ପକ୍ଷରୁ ବିଦେଶୀ ଦ୍ରବ୍ୟ ପରିହାର କରି କିପରି ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରାଯାଇପାରିବ ସେଥିପ୍ରତି ସଚେତନତା କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ରହିଥିଲା। ସ୍ୱଦେଶୀ ଭାରତ ସମୃଦ୍ଧ ଭାରତ, ଆମେ ବଜାର ଯିବା ସ୍ୱଦେଶୀ ବସ୍ତୁ କିଣିବା, ଆମେ ଓଡ଼ିଆ ଆମ ଭାଷା ଓଡ଼ିଆ, ଦେଶୀ ଜିନିଷ ଭାରି ବଢ଼ିଆ, ମୁଁ ସ୍ୱଦେଶୀ ସଙ୍କଳ୍ପ ନେବି ଦେଶୀ ଜିନିଷକୁ ଭଲ ପାଇବି ଆଦି ସ୍ଲୋଗାନରେ ପ୍ରକମ୍ପିତ ହୋଇଥିଲା। ପାଣିକୋଇଲିଠାରେ ଯାଜପୁର ଏମ୍ପି ଡ. ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକଶ ଦାସନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଭାଜପା ଜିଲା ସଭାପତି ଦେବଯାନୀ ପ୍ରଧାନ, ଉମେଶ ଜେନା, ବବିତା ମଲ୍ଲିକ, ଜିଲା ସ୍ୱଚ୍ଛ ଭାରତ ଅବାହକ ପ୍ରଫୁଲ୍ଲ ଗିରି, ଏମପିଙ୍କ ପ୍ରତିନିଧି ପ୍ରଦୀପ ଧଳ, ପ୍ରମୋଦ ସାହୁ, ନିରଞ୍ଜନ ଘଡାଇ, ମଣ୍ଡଳ ସଭାପତି ରାକେଶ ଜେନା, ଆଲୋକ ମଲ୍ଲିକଙ୍କ ସମେତ ୫ ଶହରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ।

## ସିଂହପୁର ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା

ସିଂହପୁର, ୧୯।୧ (ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ବ୍ଲକ ସିଂହପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ବାରିକଙ୍କ ସଭାପତିରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସରପଞ୍ଚ ଶଶାଙ୍କ ଶେଖର ଖିଲାର, ସମ୍ମାନିତ ଅତିଥି ପ୍ରାକ୍ତନ ପ୍ରଧାନ ଶିକ୍ଷକ ସର୍ବେଶ୍ୱର ବାରିକ, ମୁଖ୍ୟ ବକ୍ତା ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ଦାସ ଯୋଗଦେଇଥିଲେ। ଖେଳ ଶିକ୍ଷକ ରାହୁଲ ବେହେରା ଖେଳ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।









## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଫତାବ



@ ଅରୁଣ



@ ବୁବୁ



@ ପବିତ୍ର



@ ପ୍ରଦୀପ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଖମାରସାହି ଧାନମଣ୍ଡିକୁ ଜିଲାପାଳଙ୍କ ପରିଦର୍ଶନ

### କଟ୍‌ନୀଛଟ୍‌ନୀ ନେଇ ଚାଷୀଙ୍କ ସହ କଲେ ଆଲୋଚନା

ନୟାଗଡ଼,୧୯।୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାପାଳ ମଧୁମିତା ରଥ ସୋମବାର ଖମାରସାହି ଧାନମଣ୍ଡିକୁ ଅଚାନକ ପରିଦର୍ଶନ କରି ଚାଷୀଙ୍କ ସହ କଟ୍‌ନୀଛଟ୍‌ନୀ ନେଇ ଆଲୋଚନା କରିଛନ୍ତି। ଏଠାରେ ମିଲର ୮କେଜି ୫୦୦ ଲେଖାଏ ଧାନ କୁଇଣ୍ଟାଲ ପିଛା କାଟ କରିବାକୁ କହୁଥିବା ଚାଷୀ ଅଭିଯୋଗ କରିଥିଲେ। ଚାଷୀଙ୍କ ଅଭିଯୋଗ ଶୁଣି ଏହାର ତୁରନ୍ତ ସମାଧାନ କରାଯିବ ଦର୍ଶାଇ ଜିଲାପାଳ ଫେରିଥିଲେ। ତେବେ ଧାନର କଟ୍‌ନୀଛଟ୍‌ନୀ ନେଇ ଜିଲାପାଳ ମିଲରଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବେ ବୋଲି ଚାଷୀଙ୍କୁ କହିଥିବା କିଛି ଚାଷୀ ସୂଚନା ଦେଇଛନ୍ତି।



# ୨୪ ଅଭିଯୋଗ ଶୁଣିଲେ ଜିଲାପାଳ



ଶିବିରରେ ଜିଲାପାଳ ମଧୁମିତା ରଥ ଅଭିଯୋଗ ଶୁଣୁଛନ୍ତି।

ଗଣିଆ,୧୯।୧ (ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକରେ ନୟାଗଡ଼ ଜିଲାପାଳଙ୍କ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଗଣିଆ ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଏହି ଜନ ଅଭିଯୋଗ ଶୁଣାଣି ଶିବିରରେ ୨୪ ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ଜିଲାପାଳ ମଧୁମିତା ରଥ ଏହି ଅଭିଯୋଗର ଶୁଣାଣି କରି ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମୁଦାୟ ୨୪ ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ୧୯ଟି ବ୍ୟକ୍ତିଗତ ଓ ସାମୁହିକ ୨ଗୋଟି ପଞ୍ଜୀକୃତ ହୋଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଜଣଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ତେବେ ଜିଲାପାଳ ୫ଟି ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଏଥିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଖାଦ୍ୟ ସୁରକ୍ଷା ଯୋଜନା, କଳାକାର ଭତ୍ତା, ପାନୀୟ ଜଳ, ଷ୍ଟ୍ରିଟ ଲାଇଟ ଓ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ସମ୍ପର୍କିତ ଅଭିଯୋଗ କରାଯାଇଥିଲା। ବିଶେଷକରି ଗଣିଆ- କଲାପାଟ ଆର୍‌ଡି ରାସ୍ତା ମରାମତି ଓ ବିଦ୍ୟାଳୟ ଖୋଲିବା ନେଇ ୨ଟି ସାମୁହିକ ଅଭିଯୋଗ ହୋଇଥିଲା। ଶିବିରରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ସୁବାସ ପଣ୍ଡା, ଏଡିଏମ୍ ରୋଜିନା ଦାଶ, ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ତହସିଲଦାର ଐଶ୍ବର୍ଯ୍ୟା ପୃଶେଠ, ବିଡିଓ ଲବଣେନ୍ଦୁ ମହାନ୍ତି ଓ ଉପାଧ୍ୟକ୍ଷ ରାଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜିତ ଶିବିରରେ ବ୍ଲକର ସମସ୍ତ ଜନପ୍ରତିନିଧି, ରାଜସ୍ବ, ଶିକ୍ଷା, ସ୍ୱାସ୍ଥ୍ୟ, ଶ୍ରମ, ଜଙ୍ଗଲ, କୃଷି, ଉଦ୍ୟାନକୃଷି, ଜଳ ଓ ପରିମଳ, ମହିଳା ଓ ଶିଶୁ ବିକାଶ, ପ୍ରାଣୀସମ୍ପଦ ପରି ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

## ଜାତୀୟ ଗଣତନ୍ତ୍ର ଦିବସ ପରେଡ଼ରେ ଯୋଗଦେବେ ସରପଞ୍ଚ ସସ୍ମିତା



ସସ୍ମିତା ପାତ୍ର

ଓଡ଼ଗାଁ, ୧୯।୧(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡଗାଁ ବ୍ଲକ ରଙ୍ଗଣୀପାଟଣା ପଞ୍ଚାୟତ ସରପଞ୍ଚ ସସ୍ମିତା ପାତ୍ର ଜାତୀୟ ଗଣତନ୍ତ୍ର ଦିବସ ପରେଡ଼ରେ ଯୋଗଦେବା ପାଇଁ ନିମନ୍ତ୍ରିତ ଅତିଥି ଭାବେ ଚୟନ ହୋଇଥିବା ଜଣାଯାଇଛି । ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ତରଫରୁ ସ୍ୱତନ୍ତ୍ର ଅତିଥି ଭାବେ ୧୩ ଜଣଙ୍କୁ ଚୟନ କରାଯାଇଛି। ସେ ଏକାଧାରରେ ଜଣେ ମହିଳା ସଂଗଠିକା, ମହିଳା ସଶକ୍ତୀକରଣ ତଥା ବିଭିନ୍ନ କାର୍ଯ୍ୟକ୍ରମରେ ମହିଳାଙ୍କୁ ଅଂଶଗ୍ରହଣ କରାଇବାରେ ସକ୍ରିୟ ଭୂମିକା ଗ୍ରହଣ କରି ଚର୍ଚ୍ଚାରେ ରହିଛନ୍ତି।

## ପିଏମଶ୍ରୀ ଉତ୍ସବ

ଦଶପଲ୍ଲା, ୧୯।୧(ପ୍ରକାଶ କୁମାର ପାଣି)

ଦଶପଲ୍ଲା ଏନ୍‌ଏସି ଅନ୍ତର୍ଗତ ପିଏମ ଶ୍ରୀ ରାଧାମୋହନ ଜୀଉ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପିଏମ୍ ଶ୍ରୀ ଉତ୍ସବ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ନାୟକଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବ ଆରମ୍ଭ ହୋଇଥିବା ବେଳେ ପୁଷ୍ପାଞ୍ଜଳି ଗୋଛି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପଞ୍ଚସଖା ଶିକ୍ଷା ସେତୁ ଅଧୀନରେ ଥିବା ଆକାଂକ୍ଷୀ ଛାତ୍ର ପରିଷଦର ମୁଖ୍ୟ ସୁପ୍ରିତୀ ପାତ୍ର, ସମ୍ମାନିତ ଅତିଥି କନ୍ଧମାଳ ଏମ୍‌ପିଙ୍କ ଏନ୍‌ଏସି ପ୍ରତିନିଧି ଅଞ୍ଜନ ଦାସ ଓ ବ୍ଲକ ପ୍ରତିନିଧି କିଶୋର ଚନ୍ଦ୍ର ଦଳବେହେରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ୱର୍ଣ୍ଣ ସାରିକା ଜେନା, ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରାଣକୃଷ୍ଣ ବେହେରା ଓ ଗୁଣ୍ଡିଚା ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ଏନ୍‌ଏସି ଅଧକ୍ଷା ପୁନମ ପ୍ରିୟଦର୍ଶିନୀ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରଫେସର ସୌମ୍ୟାରାଣୀ ମହାରଣା,ବରିଷ୍ଟ ନାଗରିକ ମଞ୍ଚ ସଭାପତି ପ୍ରାଣକୃଷ୍ଣ ବେହେରା, ପଞ୍ଚସଖା ଶିକ୍ଷାସେତୁ ସଭାପତି ବଜେନ୍ଦ୍ର ପ୍ରସାଦ ଧଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଓମ୍ ପ୍ରକାଶ ନାୟକ ଯୋଗ ଦେଇଥିଲେ ।

## ଯୁବକଙ୍କୁ ଆକ୍ରମଣ ଘଟଣାରେ ୨ ଗିରଫ

ବ୍ରହ୍ମପୁର,୧୯।୧(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି ଶିଳ୍ପାଞ୍ଚଳ ଛକରେ ଜଣେ ଯୁବକଙ୍କୁ ଆକ୍ରମଣ ଘଟଣାରେ ପୋଲିସ ୨ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଗୋପାଳପୁର ଥାନା ଆମ୍ବପୁଆ ନିକଟ ପଲିଗୁମୁଲାର ସାଇ ପ୍ରସାଦ ସମାନ୍ତରା ଓ ପାଟପୁର ଥାନା ଢେଙ୍ଗାଡିର ସୀମାଞ୍ଚଳ ପାତ୍ର। ପୋଲିସ ଏକ ବାଇକ ଜବତ କରିଛି। ପୂର୍ବଶତ୍ରୁତାରୁ ଅଭିଯୁକ୍ତମାନେ ୭ ତାରିଖରେ ସୁଶାନ୍ତ ବେହେରା ନାମକ ଜଣେ ଯୁବକଙ୍କୁ କାଠ ଫାଳିଆରେ ଆକ୍ରମଣ କରିଥିଲେ।










# ନିଯୁକ୍ତି, ସ୍ୱାସ୍ଥ୍ୟସେବାକୁ ଭୁଲିଗଲେ ନେତା

**ଯାଜପୁର, ୧୯।୧ (ହର୍ଷବର୍ଦ୍ଧନ ବେହେରା)**

ଆଉ ମାତ୍ର ଏକ ବର୍ଷ ପରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବାକୁ ଯାଉଛି। ପଞ୍ଚାୟତ ନିର୍ବାଚନର ଫଳାଫଳ ଉପରେ ୨୦୨୯ ସାଧାରଣ ନିର୍ବାଚନର ହାରଜିତ ନିର୍ଭର କରିବ ବୋଲି ଏବେଠୁ ଚର୍ଚ୍ଚା ଜୋର ଧରିଛି। ତେଣୁ ଯାଜପୁର ଜିଲାରେ କେତେକ ଆଗଧାଡ଼ିର ନେତା କସରତ ଆରମ୍ଭ କରି ଦେଇଛନ୍ତି। ରାଜ୍ୟ ରାଜନୀତିରେ ଅନ୍ୟତମ ପ୍ରଭାବଶାଳୀ ନେତା ତଥା ଯାଜପୁର ପୂର୍ବତନ ବିଧାୟକ ବିଜେଡିର ପ୍ରଣବ ପ୍ରକାଶ ଦାସ(ବବି)ଙ୍କ କୋରେଇ ଉପରେ ପୁଣି ଆଖି ପଡିଛି। ଗତ କିଛି ଦିନ ହେଲା ସେ କୋରେଇ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମରେ ବୈଠକ ଆୟୋଜନ କରି ଏବେବି ବିଜେଡିର ସାଂଗଠନିକ ସ୍ଥିତି ବହୁ ମଜଭୁତ ରହିଛି ବୋଲି କହୁଛନ୍ତି। କିନ୍ତୁ ବାସ୍ତବରେ ବିଜେଡିର ବହୁ ଛାମୁଆ ନେତା ନିୟମିତ ଭାବେ ଭାଜପାରେ ମିଶୁଥିବା ଦେଖିବାକୁ ମିଳୁଛି। ଏହିକ୍ରମରେ ବିଜେଡିର ସାଂଗଠନିକ ସ୍ଥିତିକୁ ସେ କିଭଳି ଭାବରେ ବଜାୟ ରଖି ପାରୁଛନ୍ତି ତାହା ପଞ୍ଚାୟତ ନିର୍ବାଚନରେ ପ୍ରତିଫଳିତ ହେବ ବୋଲି ମତପ୍ରକାଶ ପାଇଛି। ଅନ୍ୟପକ୍ଷେ କ୍ଷମତାସୀନ ଭାଜପା ଗତ ନିର୍ବାଚନର ଇସ୍ତାହାରଗୁଡ଼ିକୁ ନେଇ ଆଗକୁ ବଢ଼ିବାକୁ ଉଦ୍ୟମ କରୁଥିବାବେଳେ ଦଳୀୟ ସାଂଗଠନିକ ସ୍ଥିତି ସହ ସ୍ୱାସ୍ଥ୍ୟସେବା, ଶ୍ରମିକ ସମସ୍ୟା, ନିଯୁକ୍ତି ପ୍ରମୁଖ ପ୍ରସଙ୍ଗ ହେବ ବୋଲି ଚର୍ଚ୍ଚା ହେଉଛି।

ଜିଲାର ୧୦ ବ୍ଲକରେ ୩୧୧ ପଞ୍ଚାୟତ ପାଇଁ ସରପଞ୍ଚ, ସମିତିସଭ୍ୟ, ୱାର୍ଡମେମ୍ବର ଓ ୩୯ଟି ଜିଲା ପରିଷଦ ଆସନ ରହିଛି । ଜିଲାରେ ବିଜେଡି, ଭାଜପା ଓ କଂଗ୍ରେସ ସମେତ ସ୍ୱାଧୀନ ପ୍ରାର୍ଥୀ ଏହି ନିର୍ବାଚନକୁ ଚାହିଁ ରହିଛନ୍ତି । ଗତ ସାଧାରଣ ନିର୍ବାଚନରେ ଖଣି ଓ ଶିଳ୍ପ ସମୃଦ୍ଧ ଜିଲାରେ ସ୍ଥାନୀୟ ନିଯୁକ୍ତିକୁ ନେଇ ରହି ଆସିଥିବା ଅଣଦେଖା କାରଣରୁ ବିଜେଡିର ପରାଜୟ ହୋଇଥିଲା। କିନ୍ତୁ ସେହି ସ୍ଥାନୀୟ ନିଯୁକ୍ତି ସମସ୍ୟାର ଏଯାଏ କୌଣସି ଆଖିଦୃଶିଆ ସମାଧାନ ହୋଇପାରିନାହିଁ। ଶ୍ରମ ଆଇନର ଖୋଲା ଉଲ୍ଲଂଘନ କରି ଲାଭଖୋର ଠିକା କମ୍ପାନୀମାନେ ଶ୍ରମିକଙ୍କୁ ଶୋଷଣ କରି ଚାଲିଥିବାବେଳେ ଶ୍ରମ ବିଭାଗ ନୀରବଦ୍ରଷ୍ଟା ସାଜିଛି ବୋଲି ଜିଲାର ନେତୃବୃନ୍ଦ ଅଭିଯୋଗ କରି ଧାରଣା, ଆନ୍ଦୋଳନ, ବନ୍ଦ ଡାକରା ଦେଉଛନ୍ତି। ହେଲେ ବାସ୍ତବରେ ବେକାର ଯୁବତୀଯୁବକଙ୍କ ପାଇଁ କିଛି ଫଳ ମିଳୁନାହିଁ। ଆନ୍ଦୋଳନ କରୁଥିବା ନେତୃବର୍ଗ ପରବର୍ତ୍ତୀ ସମୟରେ କମ୍ପାନୀ ସହ ସଲାସୁତୁରା କରି ନିଜ ସ୍ୱାର୍ଥ ସାଧନରେ ଲାଗିଛନ୍ତି । ଫଳରେ ଜିଲାରେ ପ୍ରାୟ ୬୦ ହଜାର ଶିକ୍ଷିତ ତାଲିମପ୍ରାପ୍ତ ଯୁବତୀଯୁବକ ନିଯୁକ୍ତି ଆଶାରେ ଅପେକ୍ଷା କରିଛନ୍ତି। ଏହା ଆସନ୍ତା ପଞ୍ଚାୟତ ନିର୍ବାଚନରେ ପ୍ରତିଫଳିତ ହେବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ୨୨।୫।୨୦୨୫ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ୨୪ଟି ବୃହତ୍ ଶିଳ୍ପ କାରଖାନାର ସମ୍ପ୍ରସାରଣ ଓ ଉଦ୍‌ଘାଟନ ହେବା ସହ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଏଥିରେ ୧ ଲକ୍ଷ ୧୫ ହଜାର କୋଟି ଟଙ୍କା ବିନିଯୋଗ ହୋଇଥିବାବେଳେ ୩୬ ହଜାର ନୂତନ ନିଯୁକ୍ତି ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ ମାଝୀ ଘୋଷଣା କରିଥିଲେ। ଏହାବାଦ୍ ମୁଖ୍ୟମନ୍ତ୍ରୀ ମାଝୀ ସ୍ଥାନୀୟ ନିଯୁକ୍ତିକୁ ଅଧିକ ପ୍ରାଧାନ୍ୟ ଦେବାକୁ ଶିଳ୍ପପତିମାନଙ୍କୁ ପରାମର୍ଶ ଦେଇଥିଲେ। ଇତିମଧ୍ୟରେ କେତେକ ବୃହତ ଶିଳ୍ପ କାରଖାନାର ସମ୍ପ୍ରସାରଣ କାର୍ଯ୍ୟ ପ୍ରାୟ ଶେଷ ହୋଇଥିବାବେଳେ ନୂତନ ଶିଳ୍ପ କାରଖାନା ନିର୍ମାଣ ସହ ପୁରୁଣା କାରଖାନାଗୁଡ଼ିକ ସ୍ୱାଭାବିକ ଭାବେ ଚାଲିଛି। କିନ୍ତୁ ଗତାନୁଗତିକ ଭାବେ ପୂର୍ବବର୍ଷଗୁଡ଼ିକ ଭଳି ଶିଳ୍ପ କାରଖାନାରେ ରାଜ୍ୟ ବାହାର ଯୁବତୀଯୁବକଙ୍କୁ ସହଜରେ ନିଯୁକ୍ତି ମିଳୁଥିବାବେଳେ ସ୍ଥାନୀୟ ଶିକ୍ଷିତ ବେକାର ଯୁବତୀଯୁବକଙ୍କ ଦୀର୍ଘଦିନର ଆଶା ଫସରଫାଟିଛି। ଏପରିକି ଠିକାସଂସ୍ଥା ନିୟୋଜନ ଏବଂ ସେମାନଙ୍କ ଜରିଆରେ ସ୍ଥାନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟ ମଧ୍ୟ ପରାହତ ହୋଇଛି। ସବୁକ୍ଷେତ୍ରରେ ରାଜ୍ୟ ବାହାର ଲୋକଙ୍କ ଏଠାରେ ପ୍ରତିଆରା ଚାଲିଥିବା ଚର୍ଚ୍ଚା ହେଉଛି। ଯାଜପୁର ରୋଡ୍‌ରୁ ବିଭିନ୍ନ କାରଖାନାକୁ ବସ୍‌ଗୁଡ଼ିକରେ ଯାଉଥିବା କର୍ମଚାରୀ ଓ ଅଧିକାରୀଙ୍କ ମଧ୍ୟରେ ଅଣଓଡ଼ିଆ ଭାଷାଭାଷୀ ଅଧିକ ଥିବା ପରିଲକ୍ଷିତ ହେଉଛି। ଶିଳ୍ପପତିମାନଙ୍କ ଦ୍ୱାରା ବିଭିନ୍ନ ଉପାୟରେ ସ୍ଥାନୀୟ ଲୋକଙ୍କ ମୁହଁ ବନ୍ଦ କରାଯାଉଥିବାବେଳେ ନେତା ନୀରବ ରହୁଛନ୍ତି। ତେଣୁ ଏଥିରେ ପ୍ରଭାବିତ ଅଞ୍ଚଳବାସୀ ଜବାବ ଦେବାକୁ ଆସନ୍ତା ପଞ୍ଚାୟତ ନିର୍ବାଚନକୁ ଚାହିଁ ରହିଛନ୍ତି ବୋଲି ଆଲୋଚନା ହେଉଛି। କଳିଙ୍ଗନଗରରେ ୨୦୧୬ ଅଗଷ୍ଟ ସୁଦ୍ଧା ସୁପରସ୍ପେଶାଲିଟି ଡାକ୍ତରଖାନା କାର୍ଯ୍ୟକାରୀ ହେବ, ଯେଉଁଥିରେ କିଡ୍‌ନୀ ଏବଂ କର୍କଟ ରୋଗର ଚିକିତ୍ସା ପାଇଁ ପ୍ରାଧାନ୍ୟ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଗତ ନିର୍ବାଚନ ସମୟରେ ଭାଜପା ନେତାମାନେ ମଧ୍ୟ ଏହାର ପୁନରାବୃତ୍ତି କରିଥିଲେ। ହେଲେ ଏବେ କେହି ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିଶ୍ରୁତିର ନାଁ ଧରୁନାହାନ୍ତି।

**ବର୍ଷେ ପରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ**

## ଜଷ୍ଟିସ୍ ଶିବଶଙ୍କରଙ୍କ ଚଣ୍ଡିଖୋଲ କୋର୍ଟ ପରିଦର୍ଶନ



ହାଇକୋର୍ଟର ଜଷ୍ଟିସ ଶବଶଙ୍କର ମିଶ୍ର ବାର କାଉନସିଲ ସଦସ୍ୟଙ୍କ ସହ ଆଲୋଚନା କରୁଛନ୍ତି।

**ବଡ଼ଚଣା, ୧୯।୧ (ଦିଲୀପ କୁମାର ମହାନ୍ତି)**

ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ଶିବଶଙ୍କର ମିଶ୍ର ସୋମବାର ଅଚାନକ ପରିଦର୍ଶନରେ ଆସି ଚଣ୍ଡିଖୋଲ କୋର୍ଟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଛନ୍ତି। ଏଥିସହ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହି ପରିଦର୍ଶନ ସମୟରେ ଚଣ୍ଡିଖୋଲ ବାର୍ ଆସୋସିଏଶନ ପକ୍ଷରୁ ଜଷ୍ଟିସ୍ ମିଶ୍ରଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ବାର୍ ଆସୋସିଏଶନ ପକ୍ଷରୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଛି। ନବନିର୍ମିତ ବାର୍ ଆସୋସିଏଶନ ଗୃହକୁ ତଦାରଖ କରି ଏହାର ସୁପରିଚାଳନା ଓ ଅଧିକ ସୁନ୍ଦର କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରସ୍ତାବିତ ଜେଏମ୍‌ଏଫ୍‌ସି ବଡ଼ଚଣା କୋର୍ଟ ସହ ପୋକ୍‌ସୋ ସର୍କିଟ କୋର୍ଟ ଚଣ୍ଡିଖୋଲ କୋର୍ଟ ପରିସରରେ ଚାଲୁ କରିବାକୁ ଅନୁରୋଧ କରାଯାଇଛି। ଏହି ସମୟରେ ଯାଜପୁର ଜିଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ, ସବ୍‌ଜଜ୍ ବିଶ୍ୱ ଦୀପକ ସାହୁ, ଜେଏମ୍‌ଏଫ୍‌ସି ଶ୍ରୀମୟୀ ନନ୍ଦଙ୍କ ସମେତ ବାର ଆସୋସିଏଶନର ସଭାପତି ସୁରେଶ ଚନ୍ଦ୍ର ପଣ୍ଡା, ସମ୍ପାଦକ ପ୍ରକାଶ କୁମାର ଦାଶ, ପୂର୍ବତନ ସଭାପତି ଶରତ ଷଡ଼ଙ୍ଗୀ, ଦେବରାଜ ବେହେରା, ଯୁଗ୍ମ ସମ୍ପାଦକ ଶିରିଷ ସାମଲ, ତରୁଣ ବିଶ୍ୱାଳ, ବୀରେନ୍ ବିଶ୍ୱାଳଙ୍କ ସମେତ ଆଇନଜୀବୀମାନେ ଉପସ୍ଥିତ ଥିଲେ।

## ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକ

**ବଡ଼ଚଣା, ୧୯।୧ (ଦିଲୀପ କୁମାର ମହାନ୍ତି):**

ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ, ଚଣ୍ଡିଖୋଲ ପକ୍ଷରୁ ସୋମବାର ସାଧାରଣ ପରିଷଦ ବୈଠକ ବରିଷ୍ଠ ନାଗରିକ ମଞ୍ଚର ପ୍ରେକ୍ଷାଳୟର ସ୍ଥାୟୀ ସଭାପତି ଶେଷଦେବ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ପାଦକ ହେମନ୍ତ କୁମାର ସାମଲ, ଉପସଭାପତି କ୍ଷୀରୋଦ ମାହାଲା, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ମହାପାତ୍ର, ଉପଦେଷ୍ଟା ସନ୍ତୋଷ କୁମାର ବିଶ୍ୱାଳ, ଦୁଃଖୀଶ୍ୟାମ ସାହୁ, ଲକ୍ଷ୍ମୀଧର ସାହାଣୀ, ଶିବରାମ ସାହୁ, ବିଜୟ କୁମାର ଜେନା, ରଞ୍ଜନ କୁମାର ଜେନା, ଉତ୍ତମ ରଣା, ଶାରଦା ମହାନ୍ତି, ବଟକୃଷ୍ଣ ଜେନା, ଶଙ୍କର୍ଷଣ ସାହୁ, ଈଶ୍ୱର ଚନ୍ଦ୍ର ସାମଲ, ଅଶୋକ କୁମାର ରାଉତ, କୀର୍ତ୍ତନ ବେହେରା, ଜଗବନ୍ଧୁ ସାହୁ, ବସନ୍ତ କୁମାର ସ୍ୱାଇଁ, ଦୁଷ୍ମନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ସମସ୍ତ ବରିଷ୍ଠ ନାଗରିକ ଦିବଂଗତ ସଭ୍ୟମାନଙ୍କ ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ସମ୍ପାଦକ ସାମଲ ପୂର୍ବ ବୈଠକର ବିବରଣୀ ପଠନ କରିଥିଲେ। ଚଳିତବର୍ଷ ପାଇଁ ବରିଷ୍ଠ ନାଗରିକ ମଞ୍ଚର ଏକ ନୂତନ ପରିଚାଳନା କମିଟି ଗଠନ ଲାଗି ସର୍ବସମ୍ମତିରେ ନିଷ୍ପତ୍ତି ଗ୍ରହଣ କରାଗଲା। ବରିଷ୍ଠ ନାଗରିକମାନେ କିପରି ସୁରକ୍ଷିତ ଭାବରେ ରହିବେ, ସରକାରୀ ସହଯୋଗ କିପରି ମିଳିବ, ଆଇନ ଶୃଙ୍ଖଳାରେ ପୋଲିସ ବିଭାଗର ସହାୟତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବରିଷ୍ଠ ନାଗରିକ ମଞ୍ଚର କର୍ଯ୍ୟାଳୟ ଓ ପରିସରର ଉନ୍ନୟନ ପାଇଁ ସରକାରୀ ସାହାଯ୍ୟ ସମ୍ପର୍କରେ ଆଲୋଚନା ହୋଇଥଲା। ଚଳିତବର୍ଷ ଶେଷଦେବ ନାୟକଙ୍କୁ ସଭାପତି ଭାବେ ନିର୍ବାଚିତ କରାଯାଇଥିଲା। ପରିଚାଳନା କମିଟିରେ ଉପସଭାପତି, ସମ୍ପାଦକ, କୋଷଧକ୍ଷା, କାର୍ଯ୍ୟକାରୀ କମିଟିର ସଦସ୍ୟ, ଉପଦେଷ୍ଟା ଆସନ୍ତା ସ୍ୱାଧୀନତା ଦିବସ ଜାନୁଆରୀ ୨୬ତାରିଖରେ ଜାତୀୟ ପତାକା ଉତ୍ତୋଳନ ହେବା ପରେ ଘୋଷଣା କରାଯିବ ବୋଲି ସଭାପତି ନାୟକ ପ୍ରକାଶ କରିଥିଲେ। ଶେଷରେ ଗାୟକ ଜଗବନ୍ଧୁ ସାହୁ ବରିଷ୍ଠ ନାଗରିକମାନଙ୍କର କଲ୍ୟାଣ ପାଇଁ ବିଷ୍ଣୁ ସହସ୍ର ନାମ, ଭଗବତ ଗୀତା, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭଜନ ଗାଇ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।



ବୈଠକରେ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟମାନେ।

## ଭ୍ରାମ୍ୟମାଣ କ୍ୟାନ୍‌ସର ସ୍କ୍ରିନିଂ କାର୍ଯ୍ୟକ୍ରମର ଶୁଭାରମ୍ଭ



ଭ୍ରାମ୍ୟମାଣ କ୍ୟାନସର ସ୍କ୍ରିନିଂ କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**କଳିଙ୍ଗନଗରର ଟାଟା ଷ୍ଟିଲ୍**

**କଳିଙ୍ଗନଗର, ୧୯।୧ (ଶୁଭାଶିଷ ରାଉତ)**

ଗ୍ରାମାଞ୍ଚଳରେ କର୍କଟ ରୋଗର ଭୟାବହତାକୁ ରୋକିବା ଏବଂ ପ୍ରାରମ୍ଭିକ ପର୍ଯ୍ୟାୟରେ ରୋଗ ଚିହ୍ନଟ କରିବା ଲକ୍ଷ୍ୟରେ ଟାଟା ଷ୍ଟିଲ୍ ଫାଉଣ୍ଡେଶନ (ଟିଏସ୍‌ଏଫ୍) ପଦକ୍ଷେପ ଗ୍ରହଣ କରିଛି। କଳିଙ୍ଗନଗରସ୍ଥିତ ଦାନଗଦୀ, ସୁକିନ୍ଦା ଅଞ୍ଚଳର ଗ୍ରାମୀଣ ଲୋକଙ୍କ ପାଇଁ କର୍କଟ ରୋଗର ପ୍ରାରମ୍ଭିକ ଚିହ୍ନଟ ଏବଂ ଚିକିତ୍ସା ସୁବିଧାରେ ଉନ୍ନତି ଆଣିବା ଲକ୍ଷ୍ୟରେ ଟିଏସ୍‌ଏଫ୍, ଜାମଶେଦପୁର କ୍ୟାନ୍‌ସର ସୋସାଇଟି (ଜେସିଏସ୍)ର ମେହେରବାଇ ଟାଟା ମେମୋରିଆଲ ହସ୍ପିଟାଲ (ଏମ୍‌ଟିଏମ୍‌ଏଚ୍) ସହଯୋଗରେ ବ୍ୟାପକ ଭ୍ରାମ୍ୟମାଣ କ୍ୟାନ୍‌ସର ସ୍କ୍ରିନିଂ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ସୋମବାର ଦାନଗଦୀ ବ୍ଲକ୍‌ର ଯଖପୁରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଯଖପୁରା ପିଏଚ୍‌ସିର ମେଡିକାଲ ଅଫିସର ଡା. ଅମୂଲ୍ୟ କୁମାର ନାୟକ, ଟାଟା ଷ୍ଟିଲ୍ ଫାଉଣ୍ଡେଶନ କଳିଙ୍ଗନଗର ଇମ୍ପାକ୍ଟ କ୍ଲଷ୍ଟର ମୁଖ୍ୟ ଦେବାଞ୍ଜନ ମୁଖାର୍ଜୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପଟି ୨୦୨୮ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଚାଲିବ। ଏହା କର୍କଟ ରୋଗର ସମ୍ପୂର୍ଣ୍ଣ ସେବା ଯୋଗାଇବ, ଯେଉଁଥିରେ ସାମାଜିକ ସଚେତନତା, ସ୍କ୍ରିନିଂ (ପରୀକ୍ଷା), ରୋଗ ନିଶ୍ଚିତକରଣ ଏବଂ ଠିକ୍ ଚିକିତ୍ସା ସହିତ ଯୋଗାଯୋଗ ଅନ୍ତର୍ଭୁକ୍ତ। ଏହି କାର୍ଯ୍ୟକ୍ରମ ବିଶେଷକରି ମୁଖ ଗହ୍ୱର, ସ୍ତନ ଏବଂ ଗର୍ଭାଶୟ କର୍କଟ ଉପରେ ଧ୍ୟାନଦେବ ; ଯାହା ଭାରତରେ କର୍କଟଜନିତ ମୃତ୍ୟୁର ଏକ ବଡ଼ କାରଣ ସାଜିଛି। ଏହି କ୍ୟାମ୍ପ ସପ୍ତାହକୁ ୫ ଦିନ ଚାଲିବ ଏବଂ ପ୍ରତି କ୍ୟାମ୍ପରେ ୯୦ଟି ମାମୋଗ୍ରାମ, ୬୫ଟି ପାପ୍ ସ୍ମିୟର୍ ଏବଂ ୧୩୫ଟି ମୁଖ କର୍କଟ ପରୀକ୍ଷା କରାଯିବାର ଲକ୍ଷ୍ୟ ରଖାଯାଇଛି। ସ୍କ୍ରିନିଂ ସହ ଲୋକଙ୍କୁ କର୍କଟ ରୋଗର ବିପଦ, ପ୍ରାରମ୍ଭିକ ଲକ୍ଷଣ ଏବଂ ଠିକ୍ ସମୟରେ ଡାକ୍ତରୀ ପରାମର୍ଶର ଗୁରୁତ୍ୱ ବିଷୟରେ ସଚେତନ କରାଯିବ। ଏମ୍‌ଟିଏମ୍‌ଏଚ୍‌ଠାରେ ମାଷ୍ଟର ଟ୍ରେନରମାନଙ୍କୁ ତାଲିମ ଦିଆଯିବ। ସେମାନେ ଆଶାକର୍ମୀ ଏବଂ ତୃଣମୂଳସ୍ତରର ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ପ୍ରଶିକ୍ଷିତ, ସଚେତନତା କରିବେ।

## ଭାଜପା ପକ୍ଷରୁ ମିଶ୍ରଣ ପର୍ବ

**ଦଶରଥପୁର, ୧୯।୧ (ସୁଶାନ୍ତ କୁମାର ବେହୁରିଆ)**

ଯାଜପୁର ଜିଲା ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀ ଅଧୀନ ଅସନପୁର ଅନ୍ତର୍ଗତ ରଙ୍ଗସ (କାଳୀ ପଡିଆ) ଠାରେ ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ସୋମବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନମଣ୍ଡଳୀ ସଂଯୋଜକ ନିରଞ୍ଜନ ବେହୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଯାଜପୁର ଏମ୍‌ପି ଡ଼.ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟ ଅତିଥି ଭାବେ ଓ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବବିତା ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପଞ୍ଚାୟତରୁ ଶତାଧିକ ଅନ୍ୟ ଦଳର କର୍ମୀ ଭାଜପାରେ ସାମିଲ ହୋଇଥିଲା। ଏହି ମିଶ୍ରଣ ଫଳରେ ନିର୍ବାଚନ ମଣ୍ଡଳୀରେ ଦଳ ଅଧିକ ମଜଭୁତ ହେବ ବୋଲି ବକ୍ତାମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ଉପସଭାପତି ଜ୍ୟୋତି ପ୍ରକାଶ ନାୟକ, ସାଂସଦଙ୍କ କୃଷି ପ୍ରତିନିଧି ଜିତେନ୍ଦ୍ର ବିଶ୍ୱାଳ, ମଣ୍ଡଳ ସଭାନେତ୍ରୀ ଚିନ୍ମୟୀ ପାଣ୍ଡ, ଚଷାଖଣ୍ଡ ପଞ୍ଚାୟତ ପ୍ରମୁଖ ପ୍ରଫୁଲ୍ଲ ମଲ୍ଲିକଙ୍କ ସମେତ ବହୁସଂଖ୍ୟାରେ ଦଳୀୟ କର୍ମୀ ଯୋଗଦେଇଥିବା ବେଳେ ବରିଷ୍ଠ ନେତା ଶୈରେନ୍ଦ୍ର ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଞ୍ଝାରପୁର ଓ ଦଶରଥପୁର ବ୍ଲକସ୍ଥ ସମସ୍ତ ମଣ୍ଡଳ ସଭାପତି ଯୋଗଦେଇଥିଲେ।



ମିଶ୍ରଣ ପର୍ବରେ ମଞ୍ଚାସୀନ ଭାଜପା ନେତାମାନେ।

## ପିକ୍‌ଅପ ଭ୍ୟାନ ଜବତ, ୮ ଗୋରୁ ଉଦ୍ଧାର, ୧ ମୃତ

**କାଳିଆପାଣି, ୧୯।୧ (ଅସିତ ମହାନ୍ତ)**

ଯାଜପୁର ଢେଙ୍କାନାଳ ଜିଲା ସୀମାନ୍ତ କାମାକ୍ଷାନଗର ଆଡୁ ଏକ ପିକ୍‌ଅପ ଭ୍ୟାନ ଗୋରୁ ବୋଝେଇ କରି ଟମକା ଆଡ଼କୁ ନେଉଥିବା ବେଳେ ସ୍ଥାନୀୟ ସ୍ୱେଚ୍ଛାସେବୀ ଖବର ପାଇ ଅଟକାଇ ୯ ଗୋରୁଙ୍କୁ ସୋମବାର ଉଦ୍ଧାର କରିଥିଲେ। ପରେ କାଳିଆପାଣି ଥାନା ଜିମା ଦେଇଥିଲେ। ଭୋରୁ ଢେଙ୍କାନାଳ ଜିଲାର କାମାକ୍ଷାନଗର ଅଞ୍ଚଳ ଆଡୁ ଏକ ପିକ୍‌ଅପ ଭ୍ୟାନ ନଂ. ଓଆର ୧୧ ଜେ ୫୦୬୭ ରେ ୮ ଗାଇ ଓ ଗୋଟିଏ ଷଣ୍ଢଙ୍କ ଗୋଡ଼କୁ ବାନ୍ଧି ଲଦି ନେଉଥିଲେ। ଖବରପାଇ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ଭ୍ୟାନକୁ ଟାଟା ମୁଖ୍ୟ ଗେଟ ସମ୍ମୁଖରେ ଅଟକାଇବାକୁ ଚେଷ୍ଟା କରିଥିବାବେଳେ ଦ୍ରୁତଗତିରେ ନେଇ ଚାଳକ ଚାଲି ଯାଇଥିଲେ। ତେବେ ପଛରେ ସ୍ୱେଚ୍ଛାସେବୀମାନେ ଗୋଡ଼ାଇ ଜଗନ୍ନାଥ ମନ୍ଦିର ନିକଟରେ ଭ୍ୟାନକୁ ଅଟକାଇଥିବା ବେଳେ ଚାଳକ ଗାଡ଼ି ଛାଡି ଦୌଡ଼ି ପଳାଇଥିଲେ। ଭ୍ୟାନରେ ଥିବା ଗୋରୁଙ୍କ ମଧ୍ୟରୁ ଗୋଟିଏ ଗାଇ ମରି ଯାଇଥିଲା। ଗାଇଗୁଡ଼ିକୁ ସ୍ୱେଚ୍ଛାସେବୀମାନେ ଖାଦ୍ୟ ଦେଇଥିବାବେଳେ ମୃତ ଗାଇକୁ ଗାତ ଖୋଳି ପୋତି ଦେଇଥିଲେ। ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଭ୍ୟାନକୁ ଜବତ କରିବା ପରେ ୭ ଗାଇ ଓ ଷଣ୍ଢକୁ ସୁକିନ୍ଦାସ୍ଥିତ ଗୋଶାଳାକୁ ପଠାଇଥିବା ଜଣାପଡ଼ିଛି।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**ବରୀ, ୧୯।୧ (ମହେନ୍ଦ୍ର ସ୍ୱାଇଁ)**

ବରୀ ଶିକ୍ଷା ମଣ୍ଡଳ ଅଧୀନ ପିଏମ୍‌ଶ୍ରୀ କାଇପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ୬୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିକୁଞ୍ଜ ବିହାରୀ ଦାସ ସଭାପତିତ୍ୱ କରିଥିଲେ। କ୍ରୀଡ଼ା ଉତ୍ସବକୁ କଳାମାଟିଆ ପ୍ରାଥମିକ ଚିକିତ୍ସା କେନ୍ଦ୍ରର ଡା. କୈଳାସ ଚନ୍ଦ୍ର ପତି ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ପାରା ଆଥ୍‌ଲେଟର ଯୋଗଦେଇ କ୍ରୀଡ଼ା ଦ୍ୱାରା ଛାତ୍ରୀଛାତ୍ରମାନଙ୍କ ଶାରୀରିକ, ମାନସିକ ଅବସ୍ଥାର ପରିବର୍ତ୍ତନ ହେବା ଏକ ମାଧ୍ୟମ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଦେବପ୍ରସାଦ ସାମଲ ଓ ସମ୍ମାନନୀୟ ଅତିଥି ଭାବେ ବରୀ ଶିକ୍ଷା ମଣ୍ଡଳ ଅଧିକାରିଣୀ ପ୍ରତିଶ୍ରୁତି ସିଂ, କଳାମାଟିଆ ସରପଞ୍ଚ ରଶ୍ମିତା ପରିଡ଼ା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାନସ ମଲ୍ଲିକ, ପୂର୍ବତନ ପ୍ରଧାନ ଶିକ୍ଷକ ଧନେଶ୍ୱର ଦାସ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଜ୍ୟୋତିପ୍ରଭା ଷଡ଼ଙ୍ଗୀ, ଶିକ୍ଷୟିତ୍ରୀ ନିଶାରାଣୀ ପ୍ରଧାନ, ଗୀତାରାଣୀ ମଣ୍ଡଳ, ପ୍ରଜ୍ଞା ପ୍ରିୟଦର୍ଶିନୀ ନାୟକ, ଦେବଶ୍ରୀ ନାୟକଙ୍କ ସମେତ ବିଦ୍ୟାଳୟର କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ କ୍ରୀଡ଼ା ଶିକ୍ଷକ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

## ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

**ଯାଜପୁରରୋଡ୍, ୧୯।୧ (ପବିତ୍ର ରଞ୍ଜନ ମହାନ୍ତି)**



ଜନ୍ମ ମହୋତ୍ସବ ଅବସରରେ ଅନୁକୂଳଚନ୍ଦ୍ରଙ୍କ ରଥ ସହର ପରିକ୍ରମା କରୁଛି।

ଈଶ୍ୱରଙ୍କୁ ବୁଝିବାକୁ ହେଲେ ଆଚାର୍ଯ୍ୟ ହିଁ କେବଳ ଅନୁକରଣୀୟ। ମଣିଷ ଜୀବନରେ ସୁଖ ଶାନ୍ତି ଆଉ ଆନନ୍ଦରେ ବଞ୍ଚିବାର ରାସ୍ତା ହିଁ କେବଳ ଆଚରଣସିଦ୍ଧ ବ୍ୟକ୍ତିତ୍ୱ ଆଚାର୍ଯ୍ୟ ହିଁ ବତାଇ ଦେଇଥାନ୍ତି। ଏଭଳି କିଛି ଗୁରୁତ୍ୱପୂର୍ଣ୍ଣ କଥା ବ୍ୟାସନଗର ଉମାପଦାସ୍ଥିତ ସତ୍‌ସଙ୍ଗ ବିହାର ଆନୁକୂଲ୍ୟରେ ରବିବାର ଅନୁଷ୍ଠିତ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ଜନ୍ମ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ସତ୍‌ସଙ୍ଗର ସମ୍ପାଦକ ଡା. ବିନାୟକ ମହାପାତ୍ର କହିଛନ୍ତି। ଏହି ଦିବସ ବ୍ୟାପୀ କାର୍ଯ୍ୟକ୍ରମରେ ପ୍ରତ୍ୟୁଷରୁ ବେଦ ନହବତ, ଉଷା କୀର୍ତ୍ତନ, ପ୍ରାତଃ ବିନତି ପ୍ରାର୍ଥନା, ସଦ୍‌ଗ୍ରନ୍ଥାଦି ପାଠ କରାଯାଇଥିଲା। ପୂର୍ବାହ୍ନରେ ସମ୍ପାଦକ ନିତ୍ୟାନନ୍ଦ ନାୟକ ଏବଂ କୋଷାଧ୍ୟକ୍ଷ କୀର୍ତ୍ତନ ବିହାରୀ ସ୍ୱାଇଁଙ୍କ ଉପସ୍ଥିତିରେ ଉତ୍ସବର ଉଦ୍‌ଘାଟନ ହୋଇଥିଲା। ପରେ ଠାକୁରଙ୍କୁ ଏକ ସୁସଜ୍ଜିତ ରଥରେ ସହର ପରିକ୍ରମା ପରେ ଅପରାହ୍ନରେ ପଦ୍ମାଳୟା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମାତୃ ସମ୍ମିଳନୀରେ ଶାନ୍ତିଲତା ବାଇ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ ସ୍ନିଗ୍ଧା ସ୍ୱାଇଁ ପାରିବାରିକ ଜୀବନରେ ମା' ମାନଙ୍କର ଭୂମିକା ସମ୍ପର୍କରେ କହିଥିଲେ। ସନ୍ଧ୍ୟାରେ ବରିଷ୍ଠ ସହ ପ୍ରତି ଋତ୍ୱିକ୍ ଉମ୍ବରୁଧର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସତ୍‌ସଙ୍ଗ ସାଧାରଣ ସଭାରେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ କେଦାରନାଥ ମହାନ୍ତି, ସମ୍ମାନିତ ଅତିଥି ଭାବେ ସହ ପ୍ରତି ଋତ୍ୱିକ୍ ଶ୍ରୀଧର ସୁନ୍ଦର ମିଶ୍ର ଯୋଗଦେଇଥିଲେ। ପ୍ରାରମ୍ଭରେ ଅଧ୍ୟାପକ ବିରଞ୍ଚି ନାରାୟଣ ଦାସ ସୂଚନା ଏବଂ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ବିଜୟ କୁମାର ନାୟକ ପ୍ରାରମ୍ଭିକ ଆଲୋଚନା କରିଥିଲେ। ଆଚାର୍ଯ୍ୟ ଦେବଙ୍କ ନିର୍ଦ୍ଦେଶରେ ପରିଚାଳିତ ଦୀକ୍ଷାପତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ଅମରେଶ ସାହୁ, ସୁଜିତ କୁମାର ସ୍ୱାଇଁ, ପାର୍ଥସାରଥି ରଥ ଏବଂ ପ୍ରଭାକର ଦାଶ ଆଲୋଚନା କରିଥିଲେ। ଉତ୍ସବରେ ଯାଜପୁର, କେନ୍ଦୁଝର, ଢେଙ୍କାନାଳ, ଭଦ୍ରକ ଏବଂ କଟକ ଜିଲାରୁ ବହୁ ସଂଖ୍ୟକ ଠାକୁରଙ୍କ ପାଞ୍ଜାଧାରୀ କର୍ମୀଙ୍କ ସହ ୧୦ ହଜାର ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଆତସବାଜି ପ୍ରଦର୍ଶନ କରାଯାଇଥିଲା। ପାଞ୍ଜାଧାରୀ କର୍ମୀ ଅଲେଖ ପ୍ରସାଦ ମହାରଣା, ଗୋପାଳ ଚନ୍ଦ୍ର ମହାନ୍ତି, ଦୀନବନ୍ଧୁ ସାହୁ, ଦିବାକର ସ୍ୱାଇଁ, ଗଜେନ୍ଦ୍ର କୁମାର ସାହୁ, ଶରତ ଚନ୍ଦ୍ର ସ୍ୱାଇଁ, ମାନସ ମଙ୍ଗଳମ ପଣ୍ଡା, ବିନୟ କୁମାର ରାଉତ, ବାବାଜୀ ଚରଣ ରଥ ପ୍ରମୁଖ ସହାୟତା କରିଥିଲେ।

## ଜାରକା ମିଠା ଦୋକାନୀଙ୍କ ପରଲୋକ

**ଧର୍ମଶାଳା, ୧୯।୧ (ବଟକୃଷ୍ଣ ପରିଡ଼ା)**

ଧର୍ମଶାଳା ବ୍ଲକ ଜାରକା ବଡ଼ବଜାରର ବିଶିଷ୍ଟ ମିଠା ଦୋକାନୀ ଗୋବିନ୍ଦ ଚନ୍ଦ୍ର ସାହୁ(୬୪)ଙ୍କ ସୋମବାର ପରଲୋକ ହୋଇଯାଇଛି। ସେ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଘରେ ରହି ଚିକିତ୍ସାଧୀନ ଥିଲେ। ଗତ ୧୦ ତାରିଖରେ ଅସୁସ୍ଥ ହୋଇପଡ଼ିବାରୁ କଟକ ବଡ଼ମେଡ଼ିକାଲରେ ଚିକିତ୍ସାଧୀନ ଥିଲେ। ପୂର୍ବାହ୍ନ ୧୦ଟାରେ ତାଙ୍କର ପରଲୋକ ହୋଇଥିଲା। ସେଠାରୁ ମୃତଦେହ କୁମାରୀସ୍ଥିତ ବାସସ୍ଥାନକୁ ଅଣାଯାଇଥିଲା। ଏହି ଖବର ଜଣାଯିବା ପରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହ ଜାରକା ବଜାର ବ୍ୟବସାୟୀ ଏବଂ ସ୍ଥାନୀୟ ରାଜନେତା ପହଞ୍ଚି ଶବଧାରରେ ପୁଷ୍ପମାଲ୍ୟ ଦେଇ ଶେଷ ଦର୍ଶନ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ଜାରକା ବଜାର ପରିକ୍ରମା କରାଯାଇ ସଂସ୍କାର ପାଇଁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା। ସେଠାରେ ପୁତୁରା ରତିକାନ୍ତ ମୁଖାଗ୍ନୀ ଦେଇଥିଲେ। ଗୋବିନ୍ଦଙ୍କ ପରଲୋକରେ ମଙ୍ଗଳବାର ଜାରକା ବଡ଼ବଜାର ବନ୍ଦ ରହିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।



## ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କୁ ଦାବିପତ୍ର



ଯଯାତି କୃଷକ ଉତ୍ପାଦକ ସଙ୍ଗଠନର ଚାଷୀମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ଆସିଛନ୍ତି।

**ଯାଜପୁରଟାଉନ, ୧୯।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)**

ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଜିଲା କୃଷି ସଂଘର ସଭାପତି ନିତ୍ୟାନନ୍ଦ ରାଉତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଯାଜପୁର, ଦଶରଥପୁର ଓ ବିଞ୍ଝାରପୁର ବ୍ଲକର ଯଯାତି କୃଷକ ଉତ୍ପାଦକ ସଙ୍ଗଠନର ଚାଷୀ ସୋମବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଧାନମଣ୍ଡି ଠିକ୍ ସମୟରେ ଖୋଲାଯାଉ, ଝୋଟ ଅଖା ପରିବର୍ତ୍ତେ ପ୍ଲାଷ୍ଟିକ ଅଖା ବ୍ୟବହାର କରାଯାଉ, କଟନି ଛଟନିକୁ ବନ୍ଦ କରାଯାଉ ବୋଲି ଚାଷୀ ଦାବିପତ୍ରରେ ଉଲ୍ଲେଖ କରିଥିଲେ। ଠିକ୍ ସମୟରେ କୃଷି ସମବାୟ ସମିତି ଓ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଖୋଲା ଯାଉଥିବା ମଣ୍ଡି ଖୋଲାଯାଉ, ଅଦ୍ୟାବଧି ବହୁ ସ୍ଥାନରେ ମଣ୍ଡି ଖୋଲା ଯାଇ ନ ଥିବାରୁ ଚାଷୀଙ୍କ ଟୋକନ ଅବଧି ଶେଷ ହେବାକୁ ବସିଲାଣି। ଏଥିପ୍ରତି ସରକାର ଦୃଷ୍ଟି ଦେବା ଜରୁରୀ। ବହୁ ଚାଷୀଙ୍କୁ ଅଦ୍ୟାବଧି ଟୋକନ ମିଳି ନ ଥିବା ଜଣାପଡ଼ିଛି। କେତେଜଣ ଚାଷୀଙ୍କର ଯେତିକି ଧାନ ଅମଳ ହୋଇଛି ତାଠାରୁ କମ୍ ଧାନ ଅମଳ ବୋଲି ଉଲ୍ଲେଖ କରାଯାଇ ଟୋକନ ବ୍ୟବସ୍ଥା କରାଯାଇଛି। ଯାହାଦ୍ୱାରା କି ଚାଷୀ ବାଧ୍ୟ ହୋଇ ଦଲାଲ ମାଧ୍ୟମରେ ଧାନ ବିକ୍ରି କରିବ। ଚାଷୀ ଉପରେ ସଦାସର୍ବଦା ମିଲର ଦାଉ ସାଜୁଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଉପରୋକ୍ତ ବିଷୟ ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଚାଷୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଅନ୍ୟ ପକ୍ଷରେ ସଙ୍ଗଠନର ଚାଷୀ ଜିଲା ଯୋଗାଣ ଅଧିକାରୀଙ୍କୁ ଭେଟି ଧାନ ମଣ୍ଡି ଖୋଲିବା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଦାବିପତ୍ର ପ୍ରଦାନ ସମୟରେ ବିଜୟ କୁମାର ଜେନା, ଗଙ୍ଗାଧର ନାୟକ, ଅକ୍ଷୟ କୁମାର ଦାସ, ଅଶୋକ କୁମାର ପାଣି, ପ୍ରତାପ ଦ୍ୱିବେଦୀ, ପ୍ରତାପ ନାୟକ, ମାଧବାନନ୍ଦ ପରିଡ଼ା, ବିଶ୍ୱନାଥ କର, ସଚ୍ଚିଦାନନ୍ଦ ସ୍ୱାଇଁ, କୁଳମଣି ମହାନ୍ତି, ଉମେଶ ଚନ୍ଦ୍ର ନାୟକ, ଦିନକୃଷ୍ଣ ରାଉତ, ବିଜୟ କୁମାର ପରିଡ଼ା, ଶ୍ରୀଧର ସାହୁ, ନିରାକାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ଆନ୍ତଃ ବିଦ୍ୟାଳୟ ନାଟକରେ କ୍ଷୀରାବ୍ଧିଙ୍କୁ ଶ୍ରେଷ୍ଠ କଳାକାର ସମ୍ମାନ**

ପାରାଦୀପ,(ଶରତ ରାଉତ) ପାରାଦୀପ ବନ୍ଦର ପକ୍ଷରୁ ଆୟୋଜିତ ଆନ୍ତଃବିଦ୍ୟାଳୟ ନାଟକରେ ଅନେକ ଶିଶୁ କଳାକାର ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ସେମାନଙ୍କ ମଧ୍ୟରୁ 'ସୁନା କଣେଇ' ନାଟକର କଣେଇ ଅଭିନୟ କରିଥିବା କ୍ଷୀରାବ୍ଧି ତନୟାଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ମିଳିଛି। ଶ୍ରୀମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବାଲିଝରୀ ଦ୍ୱାରା ପ୍ରସ୍ତୁତ, ଜଗନ୍ନାଥ ରାଉତଙ୍କ ରଚିତ ଏବଂ ଉମାକାନ୍ତ ନାୟକଙ୍କ ନାଟକଟି ଦର୍ଶକଙ୍କ ଦ୍ୱାରା ଗ୍ରହଣୀୟ ହୋଇଥିଲା। ଜଣେ ଗରିବ ପରିବାର ନିଜ ଝିଅକୁ ବିକ୍ରି କରି ଦେଉଛନ୍ତି। ସେହି ଝିଅ ସମାଜରେ ପ୍ରତିଷ୍ଠିତ ହେଲା ପରେ ନିଜ ପରିଚୟ ପାଉଛି। ସମାଜରେ ଘଟୁଥିବା ଶିଶୁ ବିକ୍ରି ଉପରେ ଏହି ନାଟକଟି ଏକ ନୂଆ ବାର୍ତ୍ତା ଦେଇଥିଲା।



## ସଂକ୍ଷେପରେ

### ସ୍ୱାଧୀନତା ସଂଗ୍ରାମୀ ରାଜକିଶୋର ପଟ୍ଟନାୟକଙ୍କ ସ୍ମୃତିସଭା

ପାଟକୁରା, ୧୯।୧(ରବୀନ୍ଦ୍ର ନାଥ ବାରିକ)

ସ୍ୱାଧୀନତା ସଂଗ୍ରାମୀ, ଆଦର୍ଶ ଶିକ୍ଷାବିତ, ବିଶିଷ୍ଟ ସାମାଜିକକର୍ମୀ ତଥା ରାଜନେତା ଦିବଂଗତ ରାଜକିଶୋର ପଟ୍ଟନାୟକଙ୍କ ୧୬ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ଏକ ସ୍ମୃତି ସଭା ସୋମବାର କରିଲୋପାଟଣା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ମିଡ଼ିଆସେଲ ଅଧ୍ୟକ୍ଷ ତଥା ରାଜ୍ୟ ପ୍ରବକ୍ତା ଉମାକାନ୍ତ ପଟ୍ଟନାୟକ ଯୋଗଦେଇ ସ୍ୱର୍ଗତ ରାଜକିଶୋର ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟା ଅର୍ପଣ କରିବା ସହିତ ତାଙ୍କର ଅଞ୍ଚଳ ପ୍ରତି ଥିବା ବିକାଶମୂଳକ ଅବଦାନ ସହ ରାଜକିଶୋର ବାବୁ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିଥିଲେ । ଆଗାମୀ ପିଢ଼ିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଯୁବ ସମାଜକୁ ଉମାକାନ୍ତ ଆହ୍ୱାନ ଦେଇଥିଲେ। ସଭାରେ ଅନେକ ବିଶିଷ୍ଟ ମାନଗଣ୍ୟ ବ୍ୟକ୍ତି ଶିକ୍ଷାବିତ, ସମାଜସେବୀ ଓ ବୁଦ୍ଧିଜିବୀ ଯୋଗଦାନ କରି ରାଜୁବାବୁଙ୍କ ଅତୀତର ସ୍ମୃତି ଚାରଣ କରିଥିଲେ। ଉକ୍ତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ସାମାଜିକକର୍ମୀ କେଦାରନାଥ ସାମନ୍ତରାୟ, ମଦନ ମୋହନ ସାମଲ, ଗୁରୁଚରଣ ସାମଲ, ନରେଶ ଚନ୍ଦ୍ର ମହାନ୍ତି, ଅରକ୍ଷିତ ସାମନ୍ତରାୟ, ଶିଶିର କୁମାର ନାୟକ, , ମୁରଲୀଧର ମହାନ୍ତି,ଦୀପକ କୁମାର ରାଉତରାୟ, ପୂର୍ବତନ ସମିତି ସଭ୍ୟ ଗୋଲକ ଚନ୍ଦ୍ର ପଢ଼ିଆରୀ, ସାମାଜିକକର୍ମୀ ଇ.ବଂଶୀଧର ସାମଲ,ସାମାଜିକକର୍ମୀ ଭୁବନ ମୋହନ ଜେନା, ନକୁଳ ଚରଣ ନାୟକ, ଅବକାଶ ଜେନା, ସୀତାରାମ ମଲ୍ଲିକ, ଶରତ ସାହୁ, ତାଙ୍କର ପୁତ୍ର ବିଭୁ ପ୍ରସନ୍ନ ପଟ୍ଟନାୟକ ଓ ସତ୍ୟ ରଞ୍ଜନ ପଟ୍ଟନାୟକଙ୍କ ସମେତ ଅନେକ ନେତୃସ୍ଥାନୀୟ ବ୍ୟକ୍ତି ଉପସ୍ଥିତ ଥିଲେ।

### ବନ୍ଦେ ମାତରମ୍ ୧୫୦ ତମ ପୂର୍ତ୍ତି ପାଳନ

ମାର୍ଶାଘାଇ,୧୯।୧(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରଂ'ର ୧୫୦ତମ ପୂର୍ତ୍ତିପାଳନ ଓ ପୁରସ୍କାର ବିତରଣ ସମାରୋହ ମାର୍ଶାଘାଇ ପଞ୍ଚାୟତ ସମିତି ଆନୁକୂଲ୍ୟରେ ବିଡିଓ ପଞ୍ଚାନନ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ ମୁଖ୍ୟ ଅତିଥି, ଜିଲା ପରିଷଦ ସଦସ୍ୟ ପ୍ରମୋଦ କୁମାର ରଥ, ଦୁର୍ଗାବତୀ ପ୍ରଧାନ, ପ୍ରତାପ ଚନ୍ଦ୍ର ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷ ଉର୍ମିଳ ମହାନ୍ତି, ସିଡିପିଓ ଶୈଳବାଳା ଚାଷୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବଙ୍ଗୀୟ କବି ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ବିରଚିତ ଏହି ମହାନ ରାଷ୍ଟ୍ରୀୟ ଗୀତର ମର୍ଯ୍ୟାଦା ବଜାୟ ରଖିବାକୁ ଏବଂ ଏହାର ଆଦର୍ଶରେ ଅନୁପ୍ରାଣିତ ହୋଇ ସାମାଜିକ ଏକତା ଓ ମାତୃଭୂମିର ପ୍ରଗତି ପାଇଁ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମାଷ୍ଟର ଟ୍ରେନର ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ସମାରୋହରେ ପ୍ରଥମେ ରାଷ୍ଟ୍ର ଗୀତର ସମୂହ ଗାନ ପରେ ସଭାପତି ମଲ୍ଲିକ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମନ୍ତ୍ର ଶପଥ ପାଠ କରିଥିଲେ । ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସୁଶାନ୍ତ କୁମାର ବେଉରା ଅତିଥି ପରିଚୟ ପ୍ରଦାନ କରିଥିଲେ। ମଣ୍ଡଳସ୍ତରୀୟ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ ପ୍ରତିଯୋଗିତାର ୩୬ଜଣ କୃତୀ ପ୍ରତିଯୋଗୀଙ୍କୁ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଏବିଡିଓ ଇତିଶ୍ରୀ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ।

### ଜନସେବକ ଭାବେ ଡେରାବିଶକୁ ଗୌରବାନ୍ୱିତ କରିଥିଲେ କୁଳମଣି ରାଉତ

ଡେରାବିଶ, ୧୯।୧(ବେବର୍ତ୍ତା ଅଜୟ ଦାସ )

ପୂର୍ବତନ ବିଧାୟକ ଆଦର୍ଶବାଦୀ ଜନନେତା ସ୍ୱର୍ଗତ କୁଳମଣି ରାଉତଙ୍କ ସ୍ମୃତିଚାରଣ ସଭା ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ମାନସୀ ସାମଲଙ୍କ ଅଧ୍ୟକ୍ଷାତାରେ ଅନୁଷ୍ଠିତ ସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ବରିଷ୍ଠ ବିଜେଡି ନେତା ହଳଧର ଦାଶ,ରବି ସାମଲ, ମାହାଙ୍ଗା ବ୍ଲକର ପୂର୍ବତନ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସିଂହ, ଡେରାବିଶ ବ୍ଲକ ପୂର୍ବତନ ଅଧ୍ୟକ୍ଷ ସରୋଜ କାନ୍ତ ସାହୁ, ଅଧ୍ୟାପକ ପ୍ରଭାକର ସାମଲ ଓ ଗୋଲଖ ଚନ୍ଦ୍ର ମହାଭୋଇ, କଂଗ୍ରେସ ନେତା ବିଦ୍ୟୁଭୂଷଣ ମହାପାତ୍ର, ସାହାଜାନ ଖାଁନ, ଅକ୍ଷୟ ମିଶ୍ର, କ୍ଷେତ୍ରବାସୀ ନାୟକ ଯୋଗଦେଇ ବରୀ ଡେରାବିଶର ପୂର୍ବତନ ବିଧାୟକ ସ୍ୱର୍ଗତ ରାଉତ କେବଳ ରାଜନେତା ନ ଥିଲେ ବରଂ ଜଣେ ଆଦର୍ଶ ବାଦୀ ଜନସେବକ ଭାବେ ମାଟିକୁ ଗୌରବାନିତ୍ୱ ବୋଲି କହିଥିଲେ । କୃଷ୍ଣଚନ୍ଦ୍ର ସାହୁ, ପୂର୍ଣ୍ଣାନନ୍ଦ ବେହେରା, ସମବାୟବିତ୍ ଖୁର୍ସିଦ ଆଲାମ ଖାଁନ ଓ ଭବାନୀ ପ୍ରସାଦ ଓଝାଙ୍କ ସମେତ ବହୁ ବ୍ୟକ୍ତି ସ୍ୱର୍ଗତ ରାଉତଙ୍କ ସ୍ମୃତି ସଭାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସତ୍ୟନାରାୟଣ ସାମଲ, ଅଭିମନ୍ୟୁ ରାଉତ ଓ ହୃଷୀକେଶ ଦାଶ ପରିଚାଳନାରେ ସହଯୋଗ କରିଥିଲେ।

# ମିଲରଙ୍କ ଦେଖା ନାହିଁ, ଖୋଲିଚାଲିଛି ଧାନମଣ୍ଡି

## ବାଗୋଇରେ ଧାନ ମଣ୍ଡି ଉଦ୍‌ଘାଟିତ

କୁଜଙ୍ଗ, ୧୯।୧(ମନୋଜ ପ୍ରଧାନ)


ସରପଞ୍ଚ ପଭଞ୍ଜଳୀ ସେଠୀ ଧାନମଣ୍ଡି ଉଦ୍‌ଘାଟନ କରୁଛନ୍ତି।

ଚାଷୀ ଖରିଫ ଧାନ ଅମଳ କରି ମାସେ ହେବ ଅପେକ୍ଷା କରି ରହିଥିଲେ ବି ଅଦ୍ୟାବଧି ସରକାର ମଣ୍ଡି ଖୋଲି ପାରିନାହାନ୍ତି। ଫଳରେ ସାହୁକାରଙ୍କଠାରୁ କରଜ କରି ଚାଷ କରିଥିବା ଚାଷୀ ଶେଷରେ ହତାଶ ହୋଇ ଧାନ କୁଇଣ୍ଟାଲ ପ୍ରତି ୧୬ଶହ ଟଙ୍କାରେ କଳାବଜାରୀଙ୍କୁ ବିକିବାକୁ ବାଧ୍ୟ ହେଉଛନ୍ତି। ଅନ୍ୟପଟେ ବିଳମ୍ବରେ ହେଲେ ମଧ୍ୟ ସରକାର ଗତ ୧୦ ତାରିଖରୁ ମଣ୍ଡି ଖୋଲିବା ପାଇଁ ନିଷ୍ପତ୍ତି ନେଲେ। ଫଳରେ କେତେକ ପ୍ୟାକ୍ସ ପୂଜାର୍ଚ୍ଚନା କରି ମଣ୍ଡି ଉଦ୍‌ଘାଟନ କରି ମିଲରଙ୍କ ଅପେକ୍ଷାରେ ରହିଛନ୍ତି। ଏହିକ୍ରମରେ ସୋମବାର କୁଜଙ୍ଗ ଅନ୍ତର୍ଗତ ବାଗୋଇ ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମେ ରାହାମା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ବିଶ୍ୱନାଥ ମହାନ୍ତି କର୍ତ୍ତା ଭାବେ ପୂଜାର୍ଚ୍ଚନା କରିବା ପରେ ବାଗୋଇ ସରପଞ୍ଚ ପ୍ରଭଞ୍ଜଳୀ ସେଠୀ ମଣ୍ଡି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିନା କଟନିଛଟଣିରେ ଚାଷୀ ଯେମିତି ସେମାନଙ୍କ ଧାନଦେଇ ପାରିବେ ସେଥିପ୍ରତି ପ୍ରାଥମିକ ସେବା ସମବାୟ ସମିତି, ନିୟନ୍ତ୍ରିତ ବଜାର କମିଟି ଯତ୍ନବାନ ହେବାକୁ ସେଠୀ ପରାମର୍ଶ ଦେଇଥିଲେ। ଏହି ଅବସରରେ ପ୍ରାଥମିକ ସେବା ସମବାୟ ସମିତି ସଭାପତି ଅଭୟ ମହାପାତ୍ର, ସମ୍ପାଦକ ତଥା ଧାନ କ୍ରୟ ଅଧିକାରୀ ସାରଦା ପ୍ରଧାନ, ନୋଡାଲ ଅଧିକାରୀ ସୁବାସ ଜେନା, କ୍ରୟ କମିଟି ସଦସ୍ୟ ଶ୍ରୀନିବାସ ଯୁଝାର ସିଂ, ପୂର୍ବତନ ସରପଞ୍ଚ ମୁରଲୀଧର ବେହେରା, ପୂର୍ବତନ ସମିତି ସଭ୍ୟ ଇନ୍ଦୁଭୂଷଣ ସାମନ୍ତରାୟ, କୃଷକ ନେତା ଉମେଶ ମଲ୍ଲିକ, ଶରତ ବଳିଆରସିଂହ, ବ୍ରଜବନ୍ଧୁ ଶୁକ୍ଳଙ୍କ ସମେତ ଅନେକ ଚାଷୀ ଉପସ୍ଥିତ ଥିଲେ।

ମାତ୍ର କେବେ ଧାନ କ୍ରୟ ଆରମ୍ଭ ହେବ ସେସମ୍ପର୍କରେ ପଚାରିବାରୁ ସଭାପତି ମହାପାତ୍ର ନିର୍ଦ୍ଦିଷ୍ଟ ଭାବେ କହିପାରିନ ଥିଲେ। ମଙ୍ଗଳବାର ମିଲରଙ୍କ ସହ ଆଲୋଚନା ପରେ ଜଣାପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଜିତ୍ରିୟ ଟୁଡୁଙ୍କୁ ପଚାରିବାରେ ସ୍ଥାନୀୟ ମିଲରମାନେ ଟ୍ୟାଗ୍ ହୋଇଛନ୍ତି। ଅବଶିଷ୍ଟ ମଣ୍ଡି ପାଇଁ ଅନୁଗୋଳର ମିଲରଙ୍କୁ ଟ୍ୟାଗ କରାଯାଇଛି। ଖୁବଶୀଘ୍ର ମିଲର ଆସି ଧାନ କ୍ରୟ କରିବେ ବୋଲି ଟୁଡୁ କହିଛନ୍ତି। ତେବେ ମିଲର ଠିକ୍ ନ କରି ସରକାର ମଣ୍ଡି ଉଦ୍‌ଘାଟନ କରି ଚାଷୀଙ୍କୁ ଠକୁଛନ୍ତି ବୋଲି କୃଷକ ନେତା ତଥା ଆଞ୍ଚଳିକ ମାଟି ସୁରକ୍ଷା ମଞ୍ଚ ସଂଯୋଜକ ହୃଷୀକେଶ ନାଥ କହିଛନ୍ତି।

# ହାୱାଖାନା, ନୂଆଗାଁରେ ୧୮,୧୫୪ ପକ୍ଷୀ



କୁଜଙ୍ଗ,୧୯।୧(ମନୋଜ ପ୍ରଧାନ)

## କୁଜଙ୍ଗ ବନାଞ୍ଚଳ ପକ୍ଷରୁ ପକ୍ଷୀ ଗଣନା

କୁଜଙ୍ଗ ବନାଞ୍ଚଳ ଅଧୀନ ଏରସମା ବ୍ଲକ ଅନ୍ତର୍ଗତ ହାୱାଖାନା ଓ ନୂଆଗାଁ ସେକ୍ସନର ପକ୍ଷୀଗଣନା ଶେଷ ହୋଇଛି। ଏସବୁ ଅଞ୍ଚଳରେ ଚଳିତ ବର୍ଷ ବିଦେଶାଗତ ପକ୍ଷୀଙ୍କର ଭିଡ ପରିଲକ୍ଷିତ ହୋଇଛି। ଗତବର୍ଷ ତୁଳନାରେ ଚଳିତବର୍ଷ ଏହି ପକ୍ଷୀମାନଙ୍କର ଆଗମନ ଅଧିକ ଥିବାରୁ ପକ୍ଷୀ ଓ ପରିବେଶ ପ୍ରେମୀମାନଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଉଛି। ହାୱାଖାନା ଜଙ୍ଗଲ ବିଭାଗ ସେକ୍ସନରେ ହାୱାଖାନା,ରାମତରା, ସାହାଡ଼ାବେଦୀ, ଶାଳିଓ, ବରୁହାଁ ଓ ଆକାଶଡିଆ ପ୍ରଭୃତି ଅଞ୍ଚଳରେ ଏହି ପକ୍ଷୀ ଗଣନା ହୋଇଛି। ଏଥିରୁ ଜଣାପଡିଛି ଯେ, ଏହି ଅଞ୍ଚଳକୁ ୨୮ଟି ପ୍ରଜାତିର ୫,୪୪୦ ପକ୍ଷୀ ଆସିଛନ୍ତି। ସେହିପରି ନୂଆଗାଁ ସେକ୍ସନର ଜଟାଧାର ତଣ୍ଡା ଓ ଜଟାଧାର ମୂହାଣ ଅଞ୍ଚଳକୁ ୩୪ଟି ପ୍ରଜାତିର ୧୨,୭୫୪ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଛି। ହାୱାଖାନା ସେକ୍ସନରେ ବନପାଳ ମଙ୍ଗଳ ହେମ୍ବ୍ରମ, ସୁବାସ ଚନ୍ଦ୍ର ମାଝୀ, ଶ୍ରୀରାମ ମୁର୍ମୁ, ସଜେନ୍ଦ୍ର ଦାସ ଓ ନୂଆଗାଁ ସେକ୍ସନରେ ବନପାଳ ପଦ୍ମନାଭ ରାଉତ, ସ୍ୱରାଷ୍ଟ୍ର ମହାପାତ୍ର, ବନରକ୍ଷୀ ଅନିରୁଦ୍ଧ ଜେନା ଓ ଅଜୟ ମାଝୀ ପ୍ରମୁଖ ପକ୍ଷୀ ଗଣନା କରିଥିଲେ।

# ଧଳତଙ୍ଗଗଡ଼ ଜଙ୍ଗଲରେ ବିଧାୟକଙ୍କ ବନ୍ଧୁମିଳନ


ବନ୍ଧୁମିଳନ କାର୍ଯ୍ୟକ୍ରମରେ ବିଧାୟକଙ୍କୁ ସ୍ୱାଗତ କରାଯାଉଛି।

ଜଗତ୍‌ସିଂହପୁର, ୧୯।୧ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ନିକଟ ଧଳତଙ୍ଗଗଡ଼ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ନୂତନ ବର୍ଷ ଉପଲକ୍ଷେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ପକ୍ଷରୁ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଜଗତ୍‌ସିଂହପୁର ବ୍ଲକ, ନାଉଗାଁ ବ୍ଲକ ଓ ଜଗତସିଂହପୁର ପୌରାଞ୍ଚଳର ଶହସ୍ରାଧିକ ଭାଜପା ନେତା, କର୍ମୀ, ସମର୍ଥକ, ବୁଦ୍ଧିଜୀବୀ, ଆଇନଜୀବୀ, ବରିଷ୍ଠ ନେତୃବୃନ୍ଦ, ଯୁବ, ଛାତ୍ର ଓ ମହିଳାମାନେ ଯୋଗଦେଇଥିଲେ। ଆଗାମୀ ଦିନରେ ସଙ୍ଗଠନକୁ କିପରି ତୃଣମୂଳସ୍ତରରୁ ସୁଦୃଢ଼ କରାଯାଇପାରିବ ସେସମ୍ପର୍କରେ ଦଳୀୟ ନିର୍ବାଚନ ମଣ୍ଡଳୀସ୍ତରୀୟ ନେତୃବୃନ୍ଦ ଉପସ୍ଥିତ କର୍ମୀଙ୍କୁ ବୁଝାଇଥିଲେ। ଶେଷରେ ଭୋଜିର ଆସାର ଜମିଥିଲା। ଏହି କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ଭାଜପା ଜିଲା ଉପସଭାପତି ସୌଭାଗ୍ୟ ମହାନ୍ତି, ବରିଷ୍ଠ ନେତା ଶ୍ରୀକାନ୍ତ ଚୌଧୁରୀ, ଜଗନ୍ନାଥ ଦାଶ, ନାଉଗାଁର ବରିଷ୍ଠ ନେତା ପ୍ରଦୀପ୍ତ ସ୍ୱାଇଁ, ସମୀର ଲେଙ୍କା, ଅକ୍ଷୟ ପାତ୍ର, ସୁଶାନ୍ତ ରଞ୍ଜନ ସ୍ୱାଇଁ, ବରୋଦା ପ୍ରସାଦ ରାୟ, ଦେବୀ ପ୍ରସାଦ ପାଢ଼ୀ, ଯୁଧିଷ୍ଠିର ସ୍ୱାଇଁ, ଦେବୀ ପ୍ରସାଦ ସାହାଣୀ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ସୁଶାନ୍ତ ମଲ୍ଲିକ, ତାପସ ଦାସ, ଦେବାଶିଷ ସ୍ୱାଇଁ, ବିଦୁର ନାୟକ, ଧରଣୀଧର ସ୍ୱାଇଁ ଓ ବିଷ୍ଣୁ ବେହେରା ପ୍ରମୁଖ ଯୋଗଦେଇଥିଲେ।

# କାର୍ ଧକ୍କାରେ ଶ୍ରମିକଙ୍କ ମୃତ୍ୟୁ ଘଟଣା: ଅଭିଯୁକ୍ତ ଗିରଫ

ପାରାଦୀପ,୧୯।୧(ଶରତ ରାଉତ)

ବେପରୁଆ ତଥା ନିଶାଶକ୍ତ ଭାବେ ଗାଡ଼ି ଚଳାଇ ଜଣଙ୍କୁ ଧକ୍କା ଦେଇ ମାରିବା ଘଟଣାରେ ପାରାଦୀପ ଆଦର୍ଶଥାନା ପୋଲିସ ରବିବାର ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ମାମଲା (ନଂ.୮/୨୬) ରୁଜୁ ହୋଇଛି। ନିଶାଶକ୍ତ ଅବସ୍ଥାରେ ଘଟଣା ଘଟାଇଥିବାରୁ ପୋଲିସ ବିଏନ୍‌ଏସ୍ ୧୦୪ ଧାରା (ମୃତକଙ୍କ ହତ୍ୟା ପାଇଁ ଦାୟୀ) ଲଗାଇଛି। ଏଥିସହ ସମ୍ପୃକ୍ତ କାର୍ (ଓଡି-୦୨ବିଏମ-୦୯୩୩)କୁ ପୋଲିସ ଜବତ କରିଛି। ଅଭିଯୁକ୍ତ ହେଲେ ପାରାଦୀପ ଲକ୍‌ଥାନା ଅନ୍ତର୍ଗତ ବୃନ୍ଦବେଲାରୀ ଗ୍ରାମର ତୋଫାନ ବସ୍ତିଆ ଓରଫ ଶୁଭେନ୍ଦୁ (୨୫)। ସେ ଏକ ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଦଳର ଓ ପ୍ରଭାବଶାଳୀ ପରିବାରର ହୋଇଥିବାରୁ ଘଟଣା ଚର୍ଚ୍ଚାର ବିଷୟ ପାଲଟିଥିଲା। ସୂଚନାଯୋଗ୍ୟ, ୧୪ ତାରିଖ ରାତି ୧୦ଟା ବେଳେ ଅଜୟ କରଣ ନାମକ ଶ୍ରମିକ ମଧୁବନ ବଙ୍ଗାଳିପଡାରୁ ନିଜ ଘର ଷଣ୍ଢକୁଦ ଅଭିମୁଖେ ଏକ ଲୁନାରେ ଫେରୁଥିଲେ। ତାଙ୍କୁ ଉପରୋକ୍ତ କାର୍ ଧକ୍କା ଦେଇ ଫୁଟପାଥରେ ବାଡେଇ ହୋଇ ସ୍କୁଲ ପାଚେରି ପାଖରେ ଓଲଟି ପଡ଼ିଥିଲା। ଫଳରେ ଅଜୟଙ୍କ ମୃତ୍ୟୁ ଘଟିଥିଲା। ସେତେବେଳେ କାର୍ ଚଳାଉଥିବା ଶୁଭେନ୍ଦୁ ନିଶାଶକ୍ତ ଭାବେ ଲୋକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ପୋଲିସ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଜରିଆରେ ମେଡିକାଲ ପଠାଇଥିଲେ। ଏବେ ୧୦୪ ଧାରା ଲାଗୁ ହେବା ପରେ ସେ ଯଦି ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ୧୦ ବର୍ଷ ଜେଲଦଣ୍ଡ ଭୋଗିବା ସହ ୫ ଲକ୍ଷ ଟଙ୍କା ଜୋରିମାନା ଦେବେ ବୋଲି ଆଲୋଚନା ହେଉଛି।

# ୪ ସମିତିରେ ଧାନମଣ୍ଡି ଖୋଲିଲା


ରଘୁନାଥପୁର ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ଖୋଲଯାଇଥିବା ଏକ ଧାନମଣ୍ଡି।

ରଘୁନାଥପୁର,୧୯।୧(ରାଜେନ୍ଦ୍ର ନାରାୟଣ)

ପ୍ରଥମ ପର୍ଯ୍ୟାୟରେ ରଘୁନାଥପୁର ବ୍ଲକର ୪ ସମବାୟ ସମିତିରେ ଧାନମଣ୍ଡିର ଉଦ୍‌ଘାଟନ ହୋଇଯାଇଛି। ପୂର୍ବାହ୍ନରେ ଜଗନ୍ନାଥପୁର କୃଷି ସେବା ସମବାୟ ସମିତିରେ ସମ୍ପାଦକ କପିଳେନ୍ଦ୍ର ପରିଡ଼ାଙ୍କ ପରିଚାଳନାରେ ଜଗତସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସଭାପତି ଅଜୟ କୁମାର ଦାଶ, ଭାଜପା ନେତା ସୁବାସ ଚନ୍ଦ୍ର ଜେନା, ଅଶୋକ ମହାରଣା, ତହସିଲଦାର ରାଜଲକ୍ଷ୍ମୀ ନାୟକ ଓ ବିଡିଓ ବିରଞ୍ଚି ନାରାୟଣ ବେହେରାଙ୍କ ସହ ଧାନ କ୍ରୟ କମିଟି ସଭ୍ୟ ଓ ଚାଷୀମାନେ ଉପସ୍ଥିତ ଥିଲେ। ଗୁଆଳିପୁର କୃଷି ସମବାୟ ସମିତିରେ ସମ୍ପାଦକ ବିରଞ୍ଚି ନାରାୟଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ସଭାପତି ସୁଧାଂଶୁ ଶେଖର ବିଶ୍ୱାଳ ମଣ୍ଡି ଶୁଭାରମ୍ଭ କରିଥିଲେ। ରଘୁନାଥପୁର କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଅଜୟ କୁମାର ପରିଡା, ବରିଷ୍ଠ ଚାଷୀ ଜ୍ଞାନରଞ୍ଜନ ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ମନଜିନି ସାହୁ ଓ ସମିତି ସଭ୍ୟ କମଳାକାନ୍ତ ପରିଡା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ତରିକୁଣ୍ଡ କୃଷି ସେବା ସମବାୟ ସମିତିରେ ସମ୍ପାଦକ ସାରଦା ପ୍ରସନ୍ନ ଦାସଙ୍କ ପରିଚାଳନାରେ ସଭାପତି ବିରନାରାୟଣ ମିଶ୍ର ଧାନ ମଣ୍ଡି ଉଦ୍‌ଘାଟନ କରିଥିଲେ। ଏଠାରେ ସ୍ଥାନୀୟ ସରପଞ୍ଚ ବନମାଳୀ ସାହୁ, ବରାଗୋଳ ସରପଞ୍ଚ ଜୟନ୍ତୀ ଦାସ, ଜୟସୋଳ ସରପଞ୍ଚ ମମତା ଦାସ,ନୋଡାଲ ଅଫିସର କୁଞ୍ଜବିହାରୀ ପ୍ରଧାନ ଓ କିଟ ଆନାଲାଇଜର ପ୍ରଫୁଲ୍ଲ କୁମାର ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅନୁରୂପ ଭାବେ ପୁରୁଣାବସନ୍ତ କୃଷି ସେବା ସମବାୟ ସମିତିରେ ସମ୍ପାଦକ ବିଜୟ କୁମାର ସାହୁଙ୍କ ପରିଚାଳନାରେ ସଭାପତି ସ୍ୱପ୍ନାରାଣୀ ଦାସ ଧାନମଣ୍ଡିର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ସରପଞ୍ଚ କାଳନ୍ଦୀ ମହାନ୍ତି, ଅଜୟ କୁମାର ପରିଡା, ଧ୍ରୁବଚନ୍ଦ୍ର ରାଉତ,ଗଗନ ବିହାରୀ ବସ୍ତିଆ ଓ ରାଧାମୋହନ ଷଡଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

# ଜନକଲ୍ୟାଣ ସୋସାଇଟିରେ ଧାନମଣ୍ଡି ଉଦ୍‌ଘାଟିତ


ଅତିଥି ଧାନ ମଣ୍ଡି ଉଦ୍‌ଘାଟନ କରୁଛନ୍ତି।

ତିର୍ତ୍ତୋଲ, ୧୯।୧ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ କନକପୁରସ୍ଥିତ ଜନକଲ୍ୟାଣ ସେବା ସମବାୟ ସମିତି ପରିସରରେ ସୋମବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମିତିର ସଭାପତି ଅଜୟ କୁମାର ରାଉଳଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ସଭା ଆୟୋଜନ କରାଯାଇଥିଲା। ଉତ୍ସବରେ ମୁଖ୍ୟ ଅତିଥିଭାବେ ଆର୍‌ଏମ୍‌ସିର ସମ୍ପାଦକ ସୂର୍ଯ୍ୟକାନ୍ତ ଦାସ, ମୁଖ୍ୟ ବକ୍ତାଭାବେ ରସାୟନବିତ୍ ଆଶୁତୋଷ ଲେଙ୍କା ଯୋଗଦେଇ ଧାନମଣ୍ଡି ମାଧମରେ କିପରି ଚାଷୀମାନେ ଉପକୃତ ହୋଇପାରିବେ ସେ ବିଷୟରେ ତଥ୍ୟଭିତ୍ତିକ ବିବରଣୀ ପ୍ରଦାନ କରିଥିଲେ। ସମିତିର ସମ୍ପାଦକ ପରମାନନ୍ଦ ଦାସ ନିମନ୍ତ୍ରିତ ଅତିଥି ଓ ହିତାଧିକାରୀମାନଙ୍କୁ ସ୍ୱାଗତ କରିଥିଲେ। ଏଥିରେ ଧାନ କ୍ରୟ କମିଟିର ସଦସ୍ୟ ଚିନ୍ତାମଣି ଦାଶ, ବରଦାପ୍ରସାଦ ମହାନ୍ତି, ତୁଷାରକାନ୍ତ ଦାସ, ନୃସିଂହ ଚରଣ ଲେଙ୍କା, ମହେଶ ଚନ୍ଦ୍ର ମହାନ୍ତି ଓ କ୍ଷୀରୋଦ ସେଠି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଚିରଞ୍ଜିବୀ ରାଉଳ, କିରାଣି ଶୁଭକାନ୍ତ ବେହେରା, ଉପସଭାପତି ଲକ୍ଷ୍ମୀପ୍ରିୟା ସାହୁଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିବା ବେଳେ ସହସମ୍ପାଦକ ପ୍ରକାଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୯୯୨ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ଜଗତ୍‌ସିଂହପୁର, ୧୯।୧ (ପ୍ରମୋଦ କୁମାର ନାୟକ)

ନାଳିବର ଉଚ୍ଚ ବିଦ୍ୟାଳୟ ୧୯୯୨ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏନେଇ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପରସ୍ପର ଭାବର ଆଦାନପ୍ରଦାନ କରାଯାଇଥିଲା। ଏଥିରେ ୮୦ରୁ ଅଧିକ ପୂରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଉତ୍ସବରେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ନିରଞ୍ଜନ ସ୍ୱାଇଁ ଓ ବର୍ତ୍ତମାନର ପ୍ରଧାନ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଯଜ୍ଞ ମିଶ୍ର, ଦିଲୀପ ଦାସ, ନିର୍ମଳ ତ୍ରିପାଠୀ, ଅମାୟିକ ଖୁଣ୍ଟିଆ, ଦୁର୍ଗା ଦାଶ, ଅନୱାର ଖାନ, କୀର୍ତ୍ତି ମହାନ୍ତି, ସାରଦା ନାୟକ, ଅରୁଣ ମନୋହରୀ, ସୁଶାନ୍ତ ଶତପଥୀ, ସୁଶାନ୍ତ ମହାପାତ୍ର, ଚତୁର୍ଭୁଜ ନାୟକ, ଦିନେଶ ଦାଶ, ଅକ୍ଷୟ ବଲ୍ଲଭ, ଗଣେଶ୍ୱର ବେହେରା, ସୁଦର୍ଶନ ନାୟକ, ନଗେନ ଲେଙ୍କା, ପ୍ରଦୀପ ଖୁଣ୍ଟିଆଙ୍କ ସମେତ ସମସ୍ତ ସଭ୍ୟ ସଞ୍ଚାଳନ କରିଥିଲେ।

# ୧୦୬ ଅଭିଯୋଗରୁ ୧୫ ତତ୍କାଳ ଫଇସଲା

## ଜିଲାପାଳଙ୍କ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ଜଗତ୍‌ସିଂହପୁର, ୧୯।୧ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦଭାବନା ସଭାଗୃହରେ ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୦୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୯୭ ଓ ଗୋଷ୍ଠୀଗତ ସମସ୍ୟା ତଥା ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୯ଟି ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗଗୁଡ଼ିକ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କିତ ୭, ଆବାସ ଯୋଜନା ୧୫, ଜମିଜମା ସମସ୍ୟା ୧୯, ଭତ୍ତା ପାଇଁ ୮, ପୋଲିସ ସହାୟତା ବାବଦରେ ୧୩, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସହାୟତା ପାଇଁ ୧ ଓ ଅନ୍ୟାନ୍ୟ ୧୯ଟି ଅଭିଯୋଗ ଥିଲା। ଏଗୁଡ଼ିକ ମଧ୍ୟରୁ ୧୫ଟି ଅଭିଯୋଗର ତତ୍କାଳ ଫଇସଲା ହୋଇଛି। ଶିବିରରେ ଜଗତ୍‌ସିଂହପୁର ଜିଲାପାଳ ଜେ. ସୋନାଲ, ଏସ୍‌ପି ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଜଗତ୍‌ସିଂହପୁର ତହସିଲଦାର ଅଜୟ କୁମାର ମହାନ୍ତି, ଜଗତ୍‌ସିଂହପୁର ପୌର ନିବାହୀ ଅଧିକାରୀ ସୀମା ଜେନା, ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

# ପୁସ୍ତକ ବିନା ଇତିହାସ ନୀରବ, ସାହିତ୍ୟ ମୂକ, ବିଦ୍ୟାନଦୀ ପଙ୍ଗୁ

## ୨୭ତମ ଜଗତ୍‌ସିଂହପୁର ପୁସ୍ତକ ମେଳାର ୪ର୍ଥ ସନ୍ଧ୍ୟା

ଜଗତ୍‌ସିଂହପୁର, ୧୯।୧ (ପ୍ରମୋଦ କୁମାର ନାୟକ)

ଜାଲିଆନାୱାଲାବାଗ ହତ୍ୟାକାଣ୍ଡ କବି ବୀରକିଶୋର ଦାସଙ୍କ ଜୀବନର ଗତି ବଦଳାଇ ଦେଇଥିଲା। ସେ ଇଂରେଜମାନଙ୍କ ବିରୋଧରେ ତାଙ୍କ କଲମ ମୁନ ଶାଣିତ କରିବା ସହ ଦେଶ ପାଇଁ ନିଜକୁ ଉତ୍ସର୍ଗ କରିଦେଇଥିଲେ। ତାଙ୍କ କାଳଜୟୀ ରଚନାଗୁଡିକ ଦେଶବାସୀଙ୍କୁ ଗୋରା ଶାସନ ବିରୋଧରେ ଜାଗ୍ରତ କରି ଦେଉଥିଲା। ଏହା ତାଙ୍କୁ ଜାତୀୟ କବିର ସ୍ୱତନ୍ତ୍ର ପରିଚୟ ଦେଇଛି। ତେବେ ଜାତୀୟ କବିଙ୍କ ରଚନାଗୁଡିକ ଆଜି ବି ଜୀବନ୍ତ। ଜଗତ୍‌ସିଂହପୁର ମାଟିର ଏହି ସୁଯୋଗ୍ୟ ସନ୍ତାନ କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଦେଶ ପାଇଁ ଏକ ସ୍ୱର୍ଦ୍ଧିତ ନାମ। ଆଉ ଜଗତ୍‌ସିଂହପୁର ପାଇଁ ସେ ହେଉଛନ୍ତି ଗର୍ବ ଓ ଗୌରବ। ୧୮ ତାରିଖରେ ୨୭ତମ ଜଗତ୍‌ସିଂହପୁର ପୁସ୍ତକ ମେଳାର ୪ର୍ଥ ସନ୍ଧ୍ୟାରେ ଅନୁଷ୍ଠିତ ସାହିତ୍ୟ ଆସରରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଶିଷ୍ଟ ଗାନ୍ଧୀବାଦୀ ପ୍ରହ୍ଲାଦ ସିଂହ ଏହା କହିଛନ୍ତି। ମୁକ୍ତି ସଂଗ୍ରାମରେ ସାହିତ୍ୟିକ ଅବଦାନ ଜାତୀୟକବି ବୀରକିଶୋର ଶୀର୍ଷକ ଆସରରେ ସେ କହିଥିଲେ, ଜାତୀୟକବିଙ୍କ କବିତାଗୁଡିକ ସରଳ, ହୃଦୟସ୍ପର୍ଶୀ ଓ କ୍ରାନ୍ତିକାରୀ। ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଯେତେବେଳେ ପିଲାମାନେ ବିଦ୍ୟାଳୟ ଛାଡ଼ି ବାନରସେନାରେ ଯୋଗଦେବା ସହ ମଦ ଦୋକାନ ଆଗରେ ପିକେଟିଂ କରି ମାଡ଼ ଖାଉଥିଲେ ଦେଶ ପାଇଁ ପ୍ରାଣବଳୀ ଦେବାକୁ ଶପଥ ନେଉଥିଲେ, ସେତେବେଳେ ଜାତୀୟ କବି ଲେଖୁଥିଲେ ରଣ ସମୟରେ ବହି ଧରିବାକୁ ମତେ ଆଉ ତମେ କହନା, ଛାତିର ରକତ ତାତି ଉଠେ ମୋର ବାଜିବାରୁ ଯୁଦ୍ଧ ବାଜଣା। ଏହିଭଳି ଅନେକ କ୍ରାନ୍ତିକାରୀ ଲେଖା ତାଙ୍କୁ ସବୁଦିନ ପାଇଁ ଜୀବିତ କରି ରଖିଥିବ। ଏହି ଅବସରରେ ପ୍ରହ୍ଲାଦ ପୁସ୍ତକ ସମ୍ପର୍କରେ ଗାନ୍ଧୀଙ୍କ ବାର୍ତ୍ତା ମନେପକାଇଥିଲେ। ଗାନ୍ଧୀଜୀ କହୁଥିଲେ, ପୁସ୍ତକ ବିନା ଇତିହାସ ନୀରବ ହୋଇଯାଏ। ପୁସ୍ତକ ବିନା ସାହିତ୍ୟ ମୂକ ପାଲଟିଯାଏ। ଆଉ ପୁସ୍ତକ ନ ଥିଲେ ବିଦ୍ୟାନଦୀ ପଙ୍ଗୁ ହୋଇଯାଏ। ପୁସ୍ତକ ଆମ ପ୍ରତ୍ୟେକଙ୍କ ଜୀବନକୁ କେତେବେଳେ ନା କେତେବେଳେ ପ୍ରଭାବିତ କରିଛି। ତେଣୁ ଜିଲାର ଘରେ ଘରେ ପୁସ୍ତକ ରଖିବା ପାଇଁ ପ୍ରହ୍ଲାଦ ଆହ୍ୱାନ ଦେଇଥିଲେ ।

ଅନ୍ୟତମ ସମ୍ମାନିତ ଅତିଥି ତଥା ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ (ଏଡିଏମ୍) ଜ୍ୟୋତିଶଙ୍କର ରାୟ ଜିଲାର ଗରିମା କଥା ବଖାଣିବା ସହ ଜାତୀୟ କବିଙ୍କ ସ୍ମୃତିଚାରଣ କରିଥିଲେ। ମୋହନ ବଂଶୀ, ରଣ ଦୁନ୍ଦୁଭି ଓ ବିଦ୍ରୋହୀ ବୀଣା ଆଦି ଅନେକ କବିତା ସମେତ ଶିଶୁମାନଙ୍କ ପାଇଁ ମୋ ଛବି ବହି ରଚନା କରି ଜାତୀୟ କବି ବୀରକିଶୋର ଆମମାନଙ୍କ ହୃଦୟରେ ସ୍ଥାନ ପାଇଛନ୍ତି। କିନ୍ତୁ ସମ୍ପ୍ରତି ପିଲାମାନେ ଜାତୀୟ କବିଙ୍କ ବିଷୟରେ ଜାଣି ନ ପାରିବା ଦୁଃଖର କଥା। ସମସ୍ତେ ପୁସ୍ତକର ମାହାତ୍ମ୍ୟ ବୁଝିବା ଆବଶ୍ୟକ। ସାମାଜିକ ଗଣମାଧ୍ୟମ ଯୋଗୁ ପିଲାମାନେ ବହିଗୁଡିକର ମର୍ଯ୍ୟାଦା କଣ ବୁଝୁନାହାନ୍ତି। ପିଲାମାନଙ୍କୁ ବହି ପ୍ରତି ଆକୃଷ୍ଟ କରିବାକୁ ଉଦ୍ୟମ କରିବା ଉଚିତ। ଯିଏ ଯେତେ ବହି ପଢିବେ ସେ ସେତେ ମାର୍ଜିତ ଓ ସଂସ୍କାରିତ ହୋଇପାରିବେ ବୋଲି ଏଡିଏମ୍ କହିଥିଲେ। ଜଗତ୍‌ସିଂହପୁର ସାଂସ୍କୃତିକ ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ମାଣିଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆସରରେ କାର୍ଯ୍ୟକାରୀ ସଦସ୍ୟ ମାନସ କାନୁନ୍‌ଗୋ ଅତିଥି ପରିଚୟ, ସ୍ୱାଗତ ଭାଷଣ ଦେଇଥିବାବେଳେ ବିଜୟଲକ୍ଷ୍ମୀ ମହାପାତ୍ର ଧନ୍ୟବାଦ ଦେଇଥିଲେ। ମଧ୍ୟାହ୍ନରେ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ରାହାସ ବିହାରୀ ମହାନ୍ତି ସ୍ମାରକୀ କୁଇଜ କାର୍ଯ୍ୟକ୍ରମରେ ଓପେପା ଯୁଗ୍ମ ନିର୍ଦ୍ଦେଶିକା ସସ୍ମିତା ସାହୁ, ଯୁବ ଉଦ୍ୟୋଗୀ ସନ୍ତୋଷ ସାହୁ, ସାଂସ୍କୃତିକ ପରିଷଦ ଉପଦେଷ୍ଟା ଅଧ୍ୟାପକ ପ୍ରଦୀପ ଶତପଥୀ, ଶିକ୍ଷାବିତ ନିକୁଞ୍ଜ କିଶୋର ବେହେରା, ସେବାନିବୃତ୍ତ ସୁବୋଧ କୁମାର ଦାସ, ପାରିଷଦ କାର୍ଯ୍ୟକାରୀ ସଦସ୍ୟା ପ୍ରଜ୍ଞା ପାରମିତା ଚୌଧୁରୀ ଯୋଗଦେଇ ବିଜେତାଙ୍କୁ ସମ୍ମାନିତ କରିଥିଲେ। ପୂର୍ବାହ୍ନରେ ସୁନାଭଉଣୀ ଅନୁଷ୍ଠାନ ପକ୍ଷରୁ କବିତା ପାଠୋତ୍ସବ ହୋଇଥିଲା।

## ସଂକ୍ଷେପରେ

### ରାସ୍ତା ନିର୍ମାଣ ଦାବିରେ ଶିକ୍ଷକଙ୍କ ଆମରଣ ଅନଶନ



ଭଞ୍ଜନଗର,୧୯।୧(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ଲାଳସିଂ ପଞ୍ଚାୟତ ଛେଦାଭୂମି ରୋଡର ଅଧାପନ୍ତରିଆ ରାସ୍ତା ନିର୍ମାଣ ଦାବିରେ ଅବସରପ୍ରାପ୍ତ ଶିକ୍ଷକ ସତ୍ୟ ନାରାୟଣ ସାହୁ ସୋମବାର ଆମରଣ ଅନଶନରେ ବସିଥିଲେ। ପରେ ଅତିରିକ୍ତ ତହସିଲଦାର ଅବିନାଶ ମହାର ଘଟଣା ସ୍ଥଳରେ ପହଞ୍ଚି ସତ୍ୟ ନାରାୟଣଙ୍କୁ ବୁଝାଶୁଝା କରିବା ପରେ ତାଙ୍କୁ ଆଲୋଚନା କରିବା ପାଇଁ ଥାନାକୁ ଡ଼ାକି ନେଇଥିଲେ। ସେଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ରାସ୍ତା କାମ ତୁରନ୍ତ ଶେଷ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀମାନେ ପ୍ରତିଶ୍ରୁତି ଦେବା ପରେ ସତ୍ୟ ନାରାୟଣ ଅନଶନ ପ୍ରତ୍ୟାହୃତ କରିଥିଲେ। ସୂଚନାଯୋଗ୍ୟ, କିଛି ମାସ ତଳେ ଉକ୍ତ ରାସ୍ତା ନିର୍ମାଣ ଆରମ୍ଭ ହୋଇଥିଲା। ଏବେ ସୁଦ୍ଧା ରାସ୍ତାର ଅନେକ କାମ ବାକି ଅଛି। ଫଳରେ ଦୈନନ୍ଦିନ ଉକ୍ତ ରାସ୍ତାରେ ଛୋଟ ବଡ ଦୁର୍ଘଟଣା ଘଟୁଛି। ଏନେଇ ସତ୍ୟ ନାରାୟଣ କିଛିଦିନ ତଳେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ। ମାତ୍ର ରାସ୍ତା କାମ ବିଳମ୍ବ ହେବାରୁ ସେ ଅନ୍ଦୋଳନକୁ ଓହ୍ଲାଇଥିଲେ।

### ଆଇନଜୀବୀଙ୍କ ବିୟୋଗ

କବିସୂର୍ଯ୍ୟନଗର,୧୯।୧(କୃପାସିନ୍ଧୁ ସ୍ୱାଇଁ)

ବ୍ଲକଗ୍ରାଣ୍ଟ ଶିକ୍ଷକରୁ ଓକିଲ । ଓକିଲରୁ ବାର ସଭାପତି ଓ ନୋଟାରୀ ହୋଇ ବହୁ ପ୍ରଶଂସା ସାଉଁଟି ଥିବା କବିସୂର୍ଯ୍ୟନଗରର କିଶୋର ଚନ୍ଦ୍ର ପଣ୍ଡା (୬୧)ଙ୍କ ସୋମବାର ବିୟୋଗ ହୋଇଛି। ମଧ୍ୟାହ୍ନରେ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଆସିକା ମେଡିକାଲକୁ ନିଆଯାଇଥିଲା। ସେଠାରେ କିଶୋରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ମର ଶରୀରକୁ କବିସୂର୍ଯ୍ୟନଗର କୋର୍ଟ ଓ କୋଦଳା କୋର୍ଟକୁ ଶେଷ ଦର୍ଶନ ପାଇଁ ନିଆଯାଇଥିଲା । ଜଜ୍, ଶତାଧିକ ଆଇନଜୀବୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

### ଜୟମଙ୍ଗଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକୋତ୍ସବ

ଧରାକୋଟ,୧୯।୧(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ବ୍ଲକ ରୁଗୁଡ଼ି ପଞ୍ଚାୟତ ଅନ୍ତର୍ଗତ ବେଠୁଆର ଗ୍ରାମସ୍ଥିତ ଜୟମଙ୍ଗଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଦିବାକର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଇଓ ରମେଶ ଚନ୍ଦ୍ର ସାହୁ, ଏବିଇଓ ବିଭୂତି ଭୂଷଣ ପାତ୍ର, ପୂର୍ବତନ ଏବିଇଓ ସିମାଞ୍ଚଳ ବେହେରା, ଖବରଦାତା ହୃଦାନନ୍ଦ ଜେନା, ସିଆରସିସି କାଳୁ ଚରଣ ଗୌଡ଼, ଏସଏମସି ସଭାପତି କୈଳାସ ଚନ୍ଦ୍ର ବାଡତ୍ୟା, ୱାର୍ଡସଭ୍ୟ ଶ୍ରୀହର୍ଷ ଗୌଡ଼ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳିତ ହେବା, ଚରିତ୍ର ଗଠନ, ପ୍ରତିଯୋଗୀ ମନୋଭାବ ପୋଷଣ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ବୁଲୁ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।

### ଚୁଡ଼ି ବିକି ଯାଇଥିଲେ ଶବ ହୋଇ ଫେରିଲେ

ଦିଗପହଣ୍ଡି,୧୯।୧(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଖମାରୀଗାଁ ପଞ୍ଚାୟତ ଡିଙ୍କିଲି ଗ୍ରାମକୁ ଚୁଡି ବିକିବାକୁ ଯାଇ ଜଣେ ବ୍ୟବସାୟୀ ହୃଦଘାତରେ ମୃତ୍ୟୁ ଯୋଗୁ ଶବହୋଇ ଘରକୁ ଫେରିଛନ୍ତି। ଏପରି ଅଭାବନୀୟ ଘଟଣା ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି କରିଥିଲା। ସେ ହେଲେ ଦିଗପହଣ୍ଡି ବ୍ଲକ ଗଡ଼ଗୋବିନ୍ଦପୁର ପଞ୍ଚାୟତ ଧାନ୍ୟରାଶି ଗ୍ରାମର ଅର୍ଜୁନ ସାହୁ (୫୫)। ଖବରରୁ ଜଣାପଡିଛି, ସବୁଦିନ ପରି ଅର୍ଜୁନ ସୋମବାର ନିଜ ଚୁଡି ବ୍ୟବସାୟରେ ବାହାରିଥିଲେ। ସକାଳୁ ଚୁଡ଼ି ବିକ୍ରି ପାଇଁ ବ୍ୟାଗ୍ ଧରି ଡିଙ୍କିଲି ଗ୍ରାମକୁ ଯାଇଥିଲେ। ସେଠାରେ ସେ କେତେକ ଘରର ମହିଳାଙ୍କୁ ଚୁଡ଼ି ମଧ୍ୟ ବିକ୍ରି କରିଥିଲେ। ପରେ ସେ ନିଜ ବାଇକ୍ ନିକଟକୁ ଚୁଡ଼ି ଥିବା ବ୍ୟାଗ୍ ଧରି ଆସି ବ୍ୟାଗ୍‌କୁ ରଖିବା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରି ରାସ୍ତା ଉପରେ ଅଚେତ ହୋଇ ପଡି ଯାଇଥିଲେ। ଖବର ପାଇ ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ପରିବାର ଲୋକେ ପହଞ୍ଚି ମୃତଦେହ ଗ୍ରାମକୁ ନେଇଥିଲେ।

## ପାନୀୟଜଳ ସମସ୍ୟା
# ଗରା ଡେକ୍‌ଚି ରଖି ରାସ୍ତାରେ ବସିଲେ ଲୋକେ

ଦଶପଲ୍ଲା, ୧୯।୧ (ପ୍ରକାଶ କୁମାର ପାଣି)

ଖୋର୍ଦ୍ଧା – ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଦଶପଲ୍ଲା ବ୍ଲକ ଅନ୍ତର୍ଗତ ସରିଗଣ୍ଡାଠାରେ ପାନୀୟ ଜଳ ସମସ୍ୟା ନେଇ ସୋମବାର ଗରା ଡେକ୍‌ଚି ରଖି ଜନସାଧାରଣ ରାସ୍ତାରୋକୋ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଉକ୍ତ ସରିଗଣ୍ଡା ପଞ୍ଚାୟତରେ ଦୀର୍ଘଦିନ ହେଲା ପାନୀୟ ଜଳଯୋଗାଣ ବନ୍ଦ ରହିଥିବାରୁ ଜନସାଧାରଣ ବହୁ ହଇରାଣ ହେଉଥିଲେ। ଏ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାର ପ୍ରତିକାର ପାଇଁ ବାରମ୍ବାର ଦାବି କରିଥିଲେ ମଧ୍ୟ କୌଣସି ପ୍ରତିକାର ନ ହେବାରୁ ସେମବାର ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ରାସ୍ତା ଉପରେ ବସି ରହି ପ୍ରତିକାର ପାଇଁ ଦାବି ଜଣାଇଥିଲେ। ଫଳରେ ପ୍ରାୟ ୨ ଘଣ୍ଟା ଧରି ଯାନ ବାହନ ଚଳାଚଳ ବନ୍ଦ ରହିଥିଲା। ଉକ୍ତ ରାସ୍ତାରୋକୋ ଖବର ପାଇ ଉପଜିଲାପାଳ ଏବଂ ବିଡିଓ ଶରତ କୁମାର ମଲ୍ଲିକ, ଆଇଆଇସି ବିନୟ ରଞ୍ଜନ ପରିଡା ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ସହ ଆଲୋଚନା କରିଥିଲେ। ପାନୀୟ ଜଳର ପ୍ରତିକାର ଶୀଘ୍ର କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।



ପାଣି ପାଇଁ ରାସ୍ତାରୋକୋ କରାଯାଇଛି।

# ଭିକାରୀ ସେଠୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ, ଢୋଲମରା ବିଜୟୀ

ଖଣ୍ଡପଡ଼ା,୧୯।୧(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ କୁମ୍ଭାରପଡା କ୍ରିକେଟ କ୍ଲବ ଆନୁକୂଲ୍ୟରେ କୁମ୍ଭାରପଡା କୁଆଁରିଆ ମିନି ଷ୍ଟାଡିଅମ୍‌ରେ ଚାଲିଥିବା ଭିକାରୀ ସେଠୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ମ୍ୟାଚରେ ଢୋଲମରା କ୍ରିକେଟ କ୍ଲବ ଏବଂ କୁମ୍ଭାରପଡା କ୍ଲବ ପରସ୍ପରକୁ ଭେଟିଥିଲେ। ପ୍ରଥମେ ଢୋଲମରା କ୍ଲବ ଟସ୍ ଜିତି ୧୨ ଓଭରରେ ୬ ଉଇକେଟ ହରାଇ ୧୨୪ ରନ ସଂଗ୍ରହ କରିଥିଲା। ଜବାବରେ କୁମ୍ଭାରପଡା କ୍ଲବ ୧୨ ଓଭରରେ ୬ ଉଇକେଟ ହରାଇ ୧୨୧ ରନ ହାସଲ କରି ପରାଜିତ ହୋଇଥିଲା। ଆଜିର ମ୍ୟାଚରେ ଶିକ୍ଷାବିତ ଅଜୟ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କୃତ କରିଥିଲେ। ମ୍ୟାଚକୁ ସୁନୀଲ କୁମାର ନାହାକ ଓ ଆଲୋକ ନାଏକ ପରିଚାଳନା କରିଥିଲେ। ସିଲୁ ନାହାକ ସ୍କୋରବୋଡ଼ ଦାୟିତ୍ୱରେ ଥିବାବେଳେ ଭାଷ୍ୟକାର ଭାବେ ଶୁଭମ ବାରିକ କାର୍ଯ୍ୟଭାର ତୁଲାଇଥିଲେ।

# ବନ୍ଦେ ମାତରମ୍‌ର ୧୫୦ ତମ ବାର୍ଷିକୀ ପାଳନ

ଦଶପଲ୍ଲା, ୧୯।୧ (ପ୍ରକାଶ କୁମାର ପାଣି)

ପିଏମଶ୍ରୀ ରାଧାମୋହନ ଜୀୟୁ ନୋଡାଲ ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଣୀ ସ୍ୱର୍ଣ୍ଣ ସାରିକା ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଦିନ ତମାମ ଛାତ୍ରୀଛାତ୍ରଙ୍କୁ ନେଇ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି କିଶୋର ଚନ୍ଦ୍ର ଦଳବେହେରା, ବିଡିଓ ଶରତ କୁମାର ମଲ୍ଲିକ, ବ୍ଲକ ଶିକ୍ଷା ଅଧିକାରୀ ଭକ୍ତ ବିନୋଦ ସଲ , ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ଦାଶ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଣୀ ଏବଂ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ନାୟକ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ବନ୍ଦେ ମାତରମ୍ ସଙ୍ଗୀତ ଗାନ କରାଯିବା ସହ ସ୍ୱଦେଶୀ ଜିନିଷ ଉପରେ ସପଥ ପାଠ କରାଯାଇଥିଲା। ଉତ୍ସବରେ ବିଭିନ୍ନ ପ୍ରତିଯୋଗିତା ରେ କୃତୀ ଛାତ୍ରୀ ଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଉତ୍ସବରେ ବିଦ୍ୟାଳୟର ସମସ୍ତ ଛାତ୍ରୀ ଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ବ୍ଲକର ବହୁ ସରକାରୀ କର୍ମଚାରୀମାନେ ସହଯୋଗ କରିଥିଲେ।



ମଞ୍ଚାସୀନ ଅତିଥି ବୃନ୍ଦ ।

# ଭୈମୀ ଏକାଦଶୀ ମାଘମେଳା ପ୍ରସ୍ତୁତି ବୈଠକ

## ମେଳା ପାଇଁ ଜାଗା ସ୍ଥିର ହୋଇ ପାରିଲା ନାହିଁ

ଖଣ୍ଡପଡ଼ା, ୧୯।୧ (ଅଜୟ କୁମାର ମହାରଣା)

କଣ୍ଟିଲୋର ପ୍ରଭୁ ଶ୍ରୀ ନୀଳମାଧବ ଜୀଉଙ୍କ ପାରମ୍ପରିକ ଭୈମୀ ଏକାଦଶୀ ତଥା ପବିତ୍ର ମାଘ ମେଳା ଆସନ୍ତା ୨୯ ତାରିଖଠାରୁ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଯାତ୍ରା ଅଣ ଆନୁଷ୍ଠାନିକ ଭାବେ ପ୍ରାୟ ଜାଗର ଅମାବାସ୍ୟା ପର୍ଯ୍ୟନ୍ତ ପ୍ରତିବର୍ଷ ପରି ଚାଲିଥାଏ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୀଳମାଧଙ୍କର ଏହି ପାରମ୍ପରିକ ପ୍ରସିଦ୍ଧ ମେଳା ଖଣ୍ଡପଡା ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ହୋଇଥାଏ। ଏହି ପରିପ୍ରେକ୍ଷୀରେ ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଖଣ୍ଡପଡା ତହସିଲଦାର ବିଶ୍ୱ ବିଶ୍ରୃତ ତ୍ରିପାଠୀଙ୍କ ଆବାହକତ୍ୱରେ ସୋମବାର ଅପରାହ୍ନରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଆୟୋଜିତ ଏକ ପ୍ରସ୍ତୁତି ବୈଠକରେ ଯାତ୍ରାର ସଫଳତା, ପରିଚାଳନା ଓ ଶୃଙ୍ଖଳା ରକ୍ଷା ପାଇଁ ଅନୁଷ୍ଠିତ ହୋଇ



ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା କର୍ମକର୍ତ୍ତା।

ବିଭିନ୍ନ ପ୍ରସ୍ତାବ ମାନ ଗ୍ରହଣ କରାଯାଇଥିଲା। ମାଘ ମେଳା ପୂର୍ବରୁ ହୋଇ ଆସୁଥିବା କଣ୍ଟିଲୋ ଫାଣ୍ଡି ସମ୍ମୁଖ ମାଘମେଳା ପଡ଼ିଆରେ ହେବ ନା ନିକଟସ୍ଥ ପଲଟନ ପଡ଼ିଆରେ ହେବ ତାହା ସ୍ଥିର ହୋଇପାରି ନ ଥିବା ଜଣା ପଡ଼ିଛି। ଏହି ବୈଠକରେ କଣ୍ଟିଲୋ ନାଗରିକ ମଞ୍ଚ ପକ୍ଷରୁ ରାଜେଶ କୁମାର ଦାସ, ବିକାଶ ମଞ୍ଚ ପକ୍ଷରୁ ମାଧବ ଚନ୍ଦ୍ର ସାହୁ, ନୀଳମାଧ ପୂଜକ ସମାଜ ସଭାପତି ମନୋଜ କୁମାର ମିଶ୍ର, ସମ୍ପାଦକ ହୃଷୀକେଶ ମିଶ୍ର, ଖଣ୍ଡପଡା ଥାନା ଅଧିକାରୀ କୃତିବାସ ହରିଚନ୍ଦନ,କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସ, ଖଣ୍ଡପଡା ଅଗ୍ନିଶମ ଅଧିକାରୀ ଅଜୟ କୁମାର ପାଇକରାୟ ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ,କଣ୍ଟିଲୋ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ ଅମିତାଂଶୁ ମିଶ୍ର ଟିପିସିଓଡିଏଲ୍ ଅତିରିକ୍ତ କନିଷ୍ଠ ଯନ୍ତ୍ରୀ ଇଂ ଅନନ୍ତ ନାରାୟଣ ସ୍ୱାଇଁ ଓ ସହକାରୀ ଯନ୍ତ୍ରୀ ଇଂ ବନବିହାରୀ ମଙ୍ଗରାଜ, ପୂର୍ତ୍ତ ବିଭାଗ ପକ୍ଷରୁ ସନ୍ତୋଷ କୁମାର ବେହେରା ପୂର୍ବତନ ନୀଳମାଧ ମନ୍ଦିର ପରିଚାଳକ ହରିହର ଦାଶଙ୍କ ସମେତ ବିଭିନ୍ନ ଗଣ ମାଧ୍ୟମ ପ୍ରତିନିଧି, ଦେବୋତ୍ତର ବିଭାଗ କର୍ମଚାରୀ ପ୍ରମୋଦ କୁମାର ଜେନାଙ୍କ ସମେତ ସହକର୍ମୀ ଓ ଯାତ୍ରା ପାର୍ଟି କମିଟି ପକ୍ଷରୁ ପ୍ରମୋଦ କୁମାର ଦଳେଇ ଓ ନବକିଶୋର ବେହେରା, ମାଧବ ଚନ୍ଦ୍ର ସାହୁ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ । କଣ୍ଟିଲୋ ନାଗରିକ ମଞ୍ଚର ମୁଖ୍ୟ ପରାମର୍ଶଦାତା ପ୍ରଭାକର ଶିରୋମଣି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

କ.ନୂଆଗାଁ, ୧୯।୧
(କାଳୀ ପ୍ରସାଦ ତ୍ରିପାଠୀ)

କ.ନୂଆଗାଁ ବ୍ଲକ ସଭା ଗୃହରେ ସୋମବାର ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ବେଦ ଭୂଷଣ ସାଧାରଣ ଲୋକଙ୍କ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ସମ୍ପର୍କିତ ୬୯ଟି ଅଭିଯୋଗ ଶୁଣି ସମାଧାନ ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ୫୩ଟି ବ୍ୟକ୍ତିଗତ ଓ ୧୬ଟି ଗୋଷ୍ଠୀଗତ ସମସ୍ୟା ସମ୍ବଳିତ ଅଭିଯୋଗ ଆସିଥିଲା। ଏଥିରେ ଏସ୍‌ପି ହରିଶ ବିଶି, ବାଲିଗୁଡ଼ା ଉପ ଜିଲାପାଳ ପ୍ରଣୀତା ଦାସ, ପ୍ରକଳ୍ପ ନିର୍ଦ୍ଦେଶକ ଶମ୍ଭୁନାଥ ନନ୍ଦୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭାଞ୍ଜଳି ପ୍ରଧାନ, ସହକାରୀ ଯନ୍ତ୍ରୀ ଶୁଭମ ମହାପାତ୍ର, ପିଏଆଇଟିଡିଏ କୃପାସିନ୍ଧୁ ବେହେରା, ଜିଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସାଇ, ଜିପିଓସିପି ରାକେଶ କୁମାର ସାହୁଙ୍କ ସମେତ ଜିଲା ଓ ବ୍ଲକ୍ ପଦାଧିକାରୀମାନେ ଯୋଗ ଦେଇଥିଲେ।

# ହୋଟେଲ ବୋର୍ଡ ଲୁଚାଉଛି ଜାତୀୟ ରାଜପଥର ସୂଚନାଫଳକ

## ଚମ୍ପାଗଡ, ଓସ୍ତପଡା ଜାଣି ନ ପାରି ଯାତ୍ରୀ ପଳାଉଛନ୍ତି ଦୂର ବାଟ

ନୟାଗଡ/ରଣପୁର, ୧୯।୧(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

କୋଲକତା ମାଡ୍ରାସ ୧୬ ନଂ ଜାତୀୟ ରାଜପଥର ନୟାଗଡ଼ ଜିଲା ରଣପୁର ବ୍ଲକ ଚମ୍ପାଗଡଠାରେ ଜାତୀୟ ରାଜପଥର ସୂଚନା ଫଳକକୁ ଏକ ହୋଟେଲ ବୋର୍ଡ ଘୋଡାଇ ରଖିଛି। ହୋଟେଲ ବୋର୍ଡ ଯୋଗୁ ଯାତ୍ରୀ ରଣପୁର ବ୍ଲକ ଚମ୍ପାଗଡ ଓ ଓସ୍ତପଡା ଗାଁ ସମ୍ପର୍କରେ ଜାଣି ନ ପାରି ରାଜପଥରେ ଖୋର୍ଦ୍ଧା ଜିଲା ଟାଙ୍ଗୀକୁ ଚାଲି ଯାଉଛନ୍ତି। ପରେ ପୁଣି ପଚାରି ପଛକୁ ଫେରୁଛନ୍ତି। ଏଭଳିଆ ଘଟଣା ବିଭିନ୍ନ ସମୟରେ ଘଟୁଥିବାର ନଜିର ରହିଛି। ସଂପୃକ୍ତ




ସୂଚାନ ଫଳକ।

ରାସ୍ତା ଦେଇ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ପ୍ରଶାସନିକ ଅଧିକାରୀ ଯାଉଥିଲେ ହେଁ କାହାର ନଜର ନାହିଁକି ସମାଧାନ ହେଉନି। ଏନେଇ ବାଲୁଗାଁ ଅଞ୍ଚଳର ଯାତ୍ରୀ ବିମଳା ଡାକୁଆ, ଅଖିଳ ମହାପାତ୍ର କୁହନ୍ତି, ଚମ୍ପାଗଡ଼ ରାଜପଥ କଡରେ ଚମ୍ପାଗଡ ଓ ଓସ୍ତପଡା ଗାଁ ସମ୍ପର୍କରେ ସୂଚନାଫଳକରେ ତଥ୍ୟ ରହିଛି। ତେବେ ଜାତୀୟ ରାଜପଥର ସୂଚନାଫଳକ ଉପରେ ଏକ ହୋଟେଲର ବୋର୍ଡ ରହିଥିବାରୁ ଗାଁ ସମ୍ପର୍କରେ ଜାଣି ହେଉନି। ଆମ୍ଭ ପରି ଅନେକ ଲୋକ ଚମ୍ପାଗଡ ଏବଂ ଓସ୍ତପଡା ଗାଁ କେଉଁଠି ଜାଣି ନ ପାରି ବାଇପାସ୍‌ରେ ଟାଙ୍ଗୀ ପଳାଉଛନ୍ତି। ପ୍ରଶାସନ ଏହାକୁ ଗୁରୁତର ସହ ନେଇ ହୋଟେଲ ବୋର୍ଡ ହଟାଇବା ଦରକାର ବୋଲି କହିଛନ୍ତି।

# ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଆସିକା,୧୯।୧(ସୁରେନ୍ଦ୍ର ନାଥ ସାହୁ):

ଗଞ୍ଜାମ ଜିଲା କୋଟିନଡା ଥାନା ଅନ୍ତର୍ଗତ ହରିଡାପଦର ପଞ୍ଚାୟତ ଗୁଡିସର ଗ୍ରାମ ପୋଖରୀରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ସେ ହେଲେ ମଣ୍ଡାପଡା ଗ୍ରାମର ନାରାୟଣ ବିଷୋୟୀ (୮୧)। ନାରାୟଣ ନିଜ ବାଦାମ ବିଲରେ କାମ ସାରି ସ୍ନାନ ଶୌଚ ଲାଗି ପୋଖରୀକୁ ଯାଇଥିଲା ବେଳେ ପାଣିରେ ବୁଡି ଯାଇଥିଲେ । ଦୀର୍ଘ ସମୟ ପରିବାର ପକ୍ଷରୁ ତାଙ୍କୁ ଖୋଜାଖୋଜି ପରେ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀ ପୋଖରୀରୁ ନାରାୟଣଙ୍କୁ ଉଦ୍ଧାର କରି ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୋଟିନଡା ପୋଲିସ ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ କରାଇବା ପରେ ପରିବାରକୁ ହସ୍ତାନ୍ତର କରିଛି।

# ମଗରବନ୍ଧରେ ସୋଲାର ପମ୍ପ ଉଦ୍‌ଘାଟିତ

ଶରଣକୁଳ,୧୯।୧(ଦୀପକ କର)

ଶରଣକୁଳ ନିକଟ ମଗରବନ୍ଧ ଗ୍ରାମବାସୀ ଶୁଦ୍ଧ ପାନୀୟ ଜଳ ପାଇବା ଲାଗି ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ ରବିବାର ଗ୍ରାମରେ ଏକ ସୋଲାର ପମ୍ପ ଉଦ୍‌ଘାଟନ କରିଛନ୍ତି। ଏହି ସୋଲାର ପମ୍ପଟି ଶରଣକୁଳ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶଙ୍କ ଅନୁଦାନରୁ ନିର୍ମାଣ କରାଯାଇଛି। ଗ୍ରାମରେ ପାନୀୟ ଜଳ ସମସ୍ୟା ଯୋଗୁ ଲୋକମାନେ ଖୋଲା କୁଅରୁ ଜଳ ବ୍ୟବହାର କରୁଥିଲେ। ରବିବାର ଶତାଧିକ ଜନସାଧାରଣଙ୍କ ଉପସ୍ଥିତିରେ ରଣପୁରର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ସମେତ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ମଗରବନ୍ଧ ସରପଞ୍ଚ ପ୍ରତିନିଧି ସୁରେନ୍ଦ୍ର କୁମାର ପ୍ରଧାନ, ସମିତି ସଭ୍ୟ ଭଗବାନ ପ୍ରଧାନଙ୍କ ବ୍ୟତୀତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ସୋଲାର ପମ୍ପଟି ପୂର୍ବତନ ବିଧାୟକଙ୍କ ପ୍ରଚେଷ୍ଟାରେ ହୋଇ ପାରିଥିବା ଯୋଗୁ ଗ୍ରାମବାସୀ ତାଙ୍କୁ ଧନ୍ୟବାଦ ଦେଇଥିଲେ। ଗ୍ରାମରେ ଏକ ନୂତନ କୋଠଘର ନିର୍ମାଣ କରିବା ପାଇଁ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ୨ ଲକ୍ଷ ଟଙ୍କା ଏବଂ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ ୫ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଥିଲେ। ସେହି ଅନୁଦାନରେ ନୂତନ କୋଠଘର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଥିବାରୁ ପୂର୍ବତନ ବିଧାୟକ ଏବଂ ଜିଲା ପରିଷଦ ସଭ୍ୟା ଖୁସି ପ୍ରକଟ କରିଥିଲେ।



ସୋଲାର ପମ୍ପକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# ଲକ୍ଷ୍ୟ ପୂରଣ କରିପାରିଲାନି ସୁଭଦ୍ରା ଶକ୍ତିମେଳା

- ପ୍ରଚାର, ପ୍ରସାର ନ ଥିବାରୁ ଖାଲି ପଡୁଥିଲା ଚେୟାର
- ମ୍ୟୁନିସିପାଲିଟି ଚେୟାରମ୍ୟାନଙ୍କୁ ନିମନ୍ତ୍ରଣ ନ ଥିଲା
- ପଞ୍ଚାୟତସ୍ତରୀୟ ମହିଳା ଲୋକ ପ୍ରତିନିଧିଙ୍କୁ ଅଣଦେଖା
- ୧କୋଟି ଟଙ୍କା ଅପବ୍ୟୟର ଉଠିଲା ଅଭିଯୋଗ

ନୟାଗଡ଼,୧୯।୧(ଲୋକନାଥ ମିଶ୍ର)

ନୟାଗଡ଼ ଷ୍ଟାଡିୟମ୍‌ରେ ୭ଦିନ ଅନୁଷ୍ଠିତ ହୋଇଥିବା ସୁଭଦ୍ରା ଶକ୍ତିମେଳା ସରକାରଙ୍କ ଲକ୍ଷ୍ୟ ପୂରଣ କରିପାରି ନ ଥିବା ଅଭିଯୋଗ ଉଠିଛି। ପ୍ରଚାର ପ୍ରସାର ନ ହେବା ଓ ସଚେତନତା କରାନଯିବାରୁ ୧କୋଟି ଟଙ୍କାର କାର୍ଯ୍ୟକ୍ରମର ସଫଳତା ମିଳିଲା ନାହିଁ ବୋଲି କୁହାଯାଉଛି। ଅନ୍ୟପକ୍ଷେ ମ୍ୟୁନିସିପାଲିଟିର ମହିଳା ଚେୟାରମ୍ୟାନଙ୍କୁ ମେଳାକୁ ନିମନ୍ତ୍ରଣ କରାଯାଇ ନ ଥିବାବେଳେ ଜିଲା ପରିଷଦ ମହିଳା ସଦସ୍ୟା, ମହିଳା ସରପଞ୍ଚ ଓ ସମିତି




ସୁଭଦ୍ରା ଶକ୍ତିମେଳାରେ ଅଭିନୟ ପ୍ରଦର୍ଶନ।

ସଭ୍ୟାମାନଙ୍କ ପରି ପଞ୍ଚାୟତସ୍ତରୀୟ ମହିଳା ଲୋକ ପ୍ରତିନିଧିଙ୍କୁ ମଧ୍ୟ ଅଣଦେଖା କରାଯାଇଥିବାର ଅଭିଯୋଗ କରାଯାଉଛି। କିନ୍ତୁ ପ୍ରଶାସନ ପକ୍ଷରୁ ମେଳା ସଫଳ ଭାବେ ଶେଷ ହୋଇଥିବା ସଫେଇ ଦିଆଯାଇଛି।

ପ୍ରକାଶ ଯେ, ନାରୀ ସଶକ୍ତୀକରଣ ଓ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସୁଭଦ୍ରା ଶକ୍ତିମେଳା ସରକାର ପ୍ରତି ଜିଲା ସଦର ମହକୁମାରେ ଆୟୋଜନ କରିଛନ୍ତି। ସମ୍ପୃକ୍ତ ମେଳା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ପାଇଁ ବଜାର ସଯୋଗ, ଉଦ୍ୟମୀତା ବିକାଶ ଓ ଆୟ ବୃଦ୍ଧିର ଏକ ସଫଳ ମଞ୍ଚ ବୋଲି କୁହାଯାଉଛି। ନୟାଗଡ଼ ଜିଲାରେ ସମ୍ପୃକ୍ତ ମେଳା ଗତ ୧୨ ରୁ ଆରମ୍ଭ ହୋଇ ୧୮ ରେ ଶେଷ ହୋଇଛିମ୍। ଏଥିପାଇଁ ସରକାର ୧କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉ କିମ୍ବା ମେଳା ପକ୍ଷରୁ ଖୋଲିଥିବା ୧୫୦ ଷ୍ଟଲରେ ମହିଳାଙ୍କ ଭିଡ ନ ଥିଲା। ମହିଳାମାନଙ୍କୁ ପ୍ରତି ବ୍ଲକରୁ ମେଳାକୁ ଆଣିବା ପାଇଁ ଯାନବାହନ ବ୍ୟବସ୍ଥା ହୋଇଥିଲେ ମଧ୍ୟ ମହିଳା ଆସୁଥିଲେ କି କଣ ତାହା ତଦନ୍ତସାପେକ୍ଷ। ମେଳା ପକ୍ଷରୁ ପଡିଥିବା ଚୌକି ଗୁଡିକ ସବୁବେଳେ ଖାଲି ପଡୁଥିଲା। ଦର୍ଶକ ନ ଥାଇ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିଲା। ତେବେ ସାଂସ୍କୃତିକ ଦଳର ନୃତ୍ୟ ସେତେ ଭଲ ନ ଥିଲା ବୋଲି କୁହାଯାଇଛି। ଏନେଇ ନୟାଗଡ଼ ମ୍ୟୁନିସିପାଲିଟି ଚେୟାରମ୍ୟାନ ନିରୁପମା ଖଟେଇ କୁହନ୍ତି, ମୁଁ ନୟାଗଡ଼ ସହରର ପ୍ରଥମ ସୁଭଦ୍ରା। ୭ଦିନ ଧରି ମୋ ସହରରେ ମେଳା କରାଗଲା ଅଥଚ ମୋତେ ନିମନ୍ତ୍ରଣ କରାଗଲା ନାହିଁ। ମୋ ସହରର ଅନେକ ସ୍ୱୟଂ ସହାୟିକା ଗୋଷ୍ଠୀ ସୁଭଦ୍ରା ଶକ୍ତି ମେଳା ନେଇ ଜାଣି ନାହାନ୍ତି। ମୋତେ ମେଳାକୁ ଡକା ନ ଯିବା ସମ୍ପର୍କରେ ଅତିରିକ୍ତ ମହିଳା ଜିଲାପାଳଙ୍କୁ ଅବଗତ କରାଇଛି। ମୁଁ ଯଦି ଉପେକ୍ଷିତ ହୋଇଛି ମୋ ସହରରେ ଅନ୍ୟ ସୁଭଦ୍ରା ଉପେକ୍ଷିତ କାହିଁକି ହୋଇ ନ ଥିବେ। ମେଳାର ସଫେଇ ଦାୟିତ୍ୱ ଆମକୁ ଦିଆଯାଇ ଆମକୁ ମେଳା ସମ୍ପର୍କରେ ସୂଚନା ଦିଆ ନ ଯିବା ଦୁର୍ଭାଗ୍ୟଜନକ ବୋଲି କ୍ଷୋଭର ସହ କହିଥିଲେ। ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ କୁହନ୍ତି, ଜିଲା ପରିଷଦରେ ୧୨ଜଣ ମହିଳା ସଦସ୍ୟା ଅଛନ୍ତି, ପୁଣି ୧୨ ମହିଳା ମଧ୍ୟରୁ ୭ଜଣିଆ ଏକ ଷ୍ଟାଣ୍ଡିଂ କମିଟି ରହିଛି। ସେହିଭଳି ମହିଳା ସରପଞ୍ଚ ଓ ସମିତି ସଭ୍ୟ ୧୨୦ ଥିବାବେଳେ ୮ ବ୍ଲକରୁ ୫ଜଣ ମହିଳା ଚେୟାରମ୍ୟାନ ଅଛନ୍ତି। ମେଳାରେ ମହିଳା ଲୋକ ପ୍ରତିନିଧିଙ୍କୁ ସାମିଲ କରାଯାଇଥିଲେ ଭଲ ହୋଇଥାନ୍ତା ବୋଲି କହିଥିଲେ। ଦଶପଲ୍ଲା ଅଞ୍ଚଳର ସତ୍ୟଭାମା ନାୟକ, ଭାପୁରର ବିମଳା ସ୍ୱାଇଁ, ଖଣ୍ଡପଡାର ଉର୍ମିଳା ସାହୁ କୁହନ୍ତି, ଜିଲା ମହୋତ୍ସବରେ ୬୨ ଲକ୍ଷ ଖର୍ଚ୍ଚ କରାଯାଇ ସଫଳତା ମିଳୁଛି। ଚଳିତ ବର୍ଷ ଭଲ କାର୍ଯ୍ୟକ୍ରମ ନଥିଲେ ମଧ୍ୟ ଭଲ ଗହଳି ହେଉଥିଲା। ସୁଭଦ୍ରା ଶକ୍ତିମେଳାରେ ୧କୋଟି ଖର୍ଚ୍ଚ କେଉଁଥିରେ ହେଲା ଜାଣି ହେଉନି ସବୁ କାର୍ଯ୍ୟରେ ଦୁର୍ନୀତିର ଗନ୍ଧ ବାହାରୁଛି। ଏହାର ତଦନ୍ତ କରାଯିବା ଦରକାର ବୋଲି କହିଛନ୍ତି। ଜିଲା ପରିଷଦର ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ୍ କୁହନ୍ତି ସରକାରଙ୍କ ଗାଇଡଲାଇନ ଅନୁସାରେ ସୁଭଦ୍ରା ଶକ୍ତିମେଳା କରାଯାଇଛି। ପ୍ରତି ବ୍ଲକରୁ ମହିଳାଙ୍କୁ ଯାନବାହନ ଯୋଗେ ଅଣାଯାଇଛି। ପ୍ରଚାର ପ୍ରସାର ପାଇଁ ଗାଡି ବୁଲିଛି। ତେବେ ଶିତ କାରଣରୁ ମହିଳାଙ୍କ ଗହଳି ହେଉ ନଥିଲା। ପୁଣି ଦୂର ଦୂରାନ୍ତରୁ ଆସୁଥିବା ମହିଳାମାନେ ଅପରାହ୍ନରେ ମେଳା ବୁଲି ଶୀଘ୍ର ଚାଲି ଯାଉଥିଲେ।ତଥାପି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ଷ୍ଟଲ ଗୁଡିକ ୭ଦିନରେ ୬୦ ଲକ୍ଷ ବ୍ୟବସାୟ କରିଛନ୍ତି। ୨୫ ହଜାରରୁ ଅଧିକ ଲୋକ ମେଳା ପରିଦର୍ଶନ କରିଛନ୍ତି। ପାରମ୍ପରିକ ଓଡିଆ ଖାଦ୍ୟ, ମିଲେଟ ଉତ୍ପାଦ ଓ ମୂଲ୍ୟ ସଂଯୁକ୍ତ ଖାଦ୍ୟ ଲୋକଙ୍କୁ ଆକୃଷ୍ଟ କରିଥିଲା। ପୁଣି ଲୋକନୃତ୍ୟ, ଲୋକଗୀତ, ସଙ୍ଗୀତ, ଫ୍ୟାସନ ସୋର ଫେଷ୍ଟାଫେଷ୍ଟି ମାହୋଲ ଅନ୍ୟତମ ଚିତାକର୍ଷକ ଥିଲା ବୋଲି କହିଛନ୍ତି।

